



ପାକ୍ଷୀକ ଖବର କାଗଜ

Odia fortnightly

# ରିପୋର୍ଟର୍ସ ପେନ୍

Reporters Pen

PRGI Regd. No.: ORORI/25/A1439

Vol-1 ◆ Issue No-3 ◆ 01-15 August, 2025 ◆ Kendrapara, Odisha ◆ Page-8 ◆ Price Rs.10.00 ◆ ବର୍ଷ-୧ ◆ ସଂଖ୍ୟା- ୩ ◆ ଅଗଷ୍ଟ ୧-୧୫, ୨୦୨୫, କେନ୍ଦ୍ରାପଡ଼ା ◆ ମୂଲ୍ୟ- ୧୦ଟଙ୍କା




## ‘ବନ୍ଧା’ ରାଜନୀତି ଆଉ କେତେ ଦିନ ?



କହିଲେ ବାଧିବ

ଯତୀନ୍ଦ୍ର କୁମାର ସେଣ୍ଠି

ଏକ ଦୁଷ୍କର୍ମ ମାମଲାରେ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କୁ ଗିରଫ କରାଯାଇଛି । ସେ ଓ ତାଙ୍କର ୩ଜଣ ବନ୍ଧୁ ପୀଡିତାଙ୍କୁ ନେଇ ଏକ ହୋଟେଲରେ ନିଶା ଦେଇ ଦୁଷ୍କର୍ମ କରିଥିବା ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗ ହେବାର ମାତ୍ର ଦୁଇ ଘଂଟା ମଧ୍ୟରେ ପୋଲିସ ଛାତ୍ର ନେତାଙ୍କୁ ଉଠାଇ ଆଣି ଗିରଫ ଦର୍ଶାଇଥିଲା । ନାରୀ ନିର୍ଯାତନା ମାମଲାରେ ପୋଲିସର ଏଭଳି ତତ୍ପରତା ବେଶ ସ୍ୱାଗତଯୋଗ୍ୟ । ମାତ୍ର ଏହି ଘଟଣାକୁ କଂଗ୍ରେସ ସହିତ ସାଧାରଣ ଲୋକେ ସହଜରେ ହଜମ କରିପାରୁନାହାଁନ୍ତି । କାରଣ ଅଭିଯୋଗ ଓ ଗିରଫଦାରୀ ଏଭଳି ସମୟରେ କରାଯାଇଛି, ଯେତେବେଳେ କଂଗ୍ରେସ ନାରୀ ନିର୍ଯାତନା ମାମଲାରେ ସରକାରଙ୍କୁ ଘେରୁଛି ।

ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ନିର୍ଯାତନାର ଶୀକାର ହୋଇ ଆତ୍ମହୁତି ଦେଲେ । କଲେଜରେ ତାଙ୍କୁ ନିର୍ଯାତନା ଦିଆଯାଉଥିବା ନେଇ ସେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଠାରୁ ଆରମ୍ଭ କରି ସାଂସଦ ଓ ପ୍ରଶାସନକୁ ଅବଗତ କରିଥିଲେ । ହେଲେ କେହି ନଶୁଣିବାରୁ ଛାତ୍ରୀ ଆତ୍ମହୁତି ଦେବାକୁ ବାଧ ହୋଇଥିବାରୁ ବିରୋଧୀ ଏହାକୁ ମୁଦ୍ଦା କରି ହୋହଲ୍ଲା କରିଥିଲେ । ବିଜେଡି ବିଧାନସଭା ଘେରାଉ କରିଥିବା ବେଳେ କଂଗ୍ରେସ ଓଡ଼ିଶା ବନ୍ଦ କରିଥିଲା । କଂଗ୍ରେସ ଡାକରାରେ ସାରା ରାଜ୍ୟ ଠପ୍ ହୋଇପଡିଥିଲା । ଯାହା ଶାସକ ଦଳ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଥିଲା । ଏହାର ଦୁଇଦିନ ପରେ ପୁରୀ ଜିଲ୍ଲା ବଲଙ୍ଗାରେ ଜଣେ ନାବାଳିକାକୁ ପୋଡି ହତ୍ୟା ଉଦ୍ୟମ କରାଗଲା । ତାଙ୍କର ଅବସ୍ଥା ଏବେ ମଧ ଉଦବେଗଜନକ ରହିଛି । ପରେ ଜଗତସିଂହପୁରରେ ଜଣେ ନାବାଳିକା ଗଣଦୁର୍ଷ୍କମର ଶୀକାର ହେଲେ । ଏହାକୁ ନେଇ କଂଗ୍ରେସ ସରକାରଙ୍କୁ ଘେରିଲା । କଂଗ୍ରେସ-ବିଜେଡିର ହୋହଲ୍ଲା ଓ ଆନ୍ଦୋଳନ ଯୋଗୁଁ ସରକାର ବ୍ୟାକ୍‌ଫୁଟକୁ ଚାଲିଗଲେ ।

ଠିକ୍ ଏହି ସମୟରେ ଛାତ୍ର ନେତା ଉଦିତଙ୍କୁ ଗିରଫ କରାଗଲା । ତାହା ପୁଣି ନାରୀ ନିର୍ଯାତନା ମାମଲାରେ । ନାରୀ ସୁରକ୍ଷା ନେଇ ହୋହଲ୍ଲା କରୁଥିବା କଂଗ୍ରେସ ଏହି ଘଟଣା ପରେ ବ୍ୟାକଫୁଟକୁ ଗଲା । ଉଦିତଙ୍କୁ ତୁରନ୍ତ ଦଳରୁ ସସ୍‌ପେଣ୍ଡ କରାଗଲା, ହେଲେ ଏହି ଗିରଫଦାରୀକୁ କଂଗ୍ରେସ ସହଜରେ ହଜମ କରିପାରୁନି । ଯଦିଓ କଂଗ୍ରେସ ଏକ ଟିମ ଗଠନ କରି ଏହାର ସତ୍ୟାସତ୍ୟ ଅନୁସନ୍ଧାନ କରୁଛି, ତଥାପି ଏହା ପଛରେ ରାଜନୈତିକ ଅଭିସନ୍ଧି ରହିଥିବା ଦାବି କରିଛି । ଉଦିତ ସମର୍ଥକଙ୍କ କହିବା କଥା, ଘଟଣା ମାର୍ଚ୍ଚ ୧୮ ତାରିଖରେ ଘଟିଥିଲା । ସେ ଜୁଲାଇ ୨୦ ତାରିଖ ରାତିରେ ଏତଲା ଦାୟର କଲେ । ତେବେ ପୀଡିତା ୪ମାସ ଧରି କେଉଁଠି ଥିଲେ ? କାହାକୁ ଭୟ କରି ଏତଲା ଦେଉନଥିଲେ ? କଂଗ୍ରେସ ସରକାରରେ ଅଛି ନା ମୁଖ୍ୟ ବିରୋଧୀ ଦଳରେ ? ସେ କାହାକୁ ଭୟ କରି ଏତେ ଦିନ ଚୁପ୍ ରହିଥିଲେ ?

ଯଦି ଏତେ ଦିନ ପରେ ପୀଡିତା ଅଭିଯୋଗ କଲେ, ପୋଲିସ ମାମଲା ରୁଜୁ କରି ପ୍ରଥମେ ତଦନ୍ତ କରିବାର ଆବଶ୍ୟକତା ଥିଲା । କୌଣସି ତଦନ୍ତ ନକରି ପୋଲିସ ଏତଲାର ମାତ୍ର ୨ଘଂଟା ଭିତରେ ଛାତ୍ରନେତାଙ୍କୁ ଗିରଫ କରି ଜେଲ ପଠାଇଥିଲା । ଏହାପଛରେ ରାଜନୈତିକ ଉଦ୍ଦେଶ୍ୟ ଥିବା ସ୍ପଷ୍ଟବାରି ହୋଇପଡୁଛି । ଯଦି ନୁହେଁ, ତେବେ ନାରୀ ନିର୍ଯାତନାକୁ ନେଇ କଂଗ୍ରେସ ଯେତେବେଳେ ଆନ୍ଦୋଳନ କରୁଛି, ଠିକ୍ ସେହି ସମୟରେ ହଠାତ ଗିରଫଦାରୀ କାହିଁକି ? କାରଣ କଂଗ୍ରେସ ଯେଉଁଭଳି ଭାବେ ସକ୍ରିୟ ହୋଇ ସରକାରଙ୍କୁ ଘେରୁଛି, ତାହା ମୋହନ ସରକାରଙ୍କ ଲାଗି ବିପଦ ସୃଷ୍ଟି କରିପାରେ । ତେଣୁ ଉଦିତଙ୍କୁ ଗିରଫ କରି କଂଗ୍ରେସକୁ ଚେକ୍ ଦେବା ଲାଗି ଏହା ବିଜେପିର ‘ବ୍ରହ୍ମାସ୍ତ୍ର’ ବୋଲି କୁହାଯାଉଛି ।

ସେହିପରି ନାରୀ ନିର୍ଯାତନା ମାମଲାରେ ବିଜେଡି ନେତା ତଥା କର୍ପୋରେଟର ଅମରେଶ ଜେନା ଗିରଫ ହୋଇଛନ୍ତି । ୨୦୨୩ରେ ଜଣେ ନାବାଳିକାଙ୍କ ସହ ସେ ଶାରିରୀକ ସମ୍ପର୍କ ରଖିଥିବା ଓ ପରେ ପ୍ରତାରଣା କରିଥିବା ପୀଡିତା ଅଭିଯୋଗରେ ଦର୍ଶାଇଛନ୍ତି । ପୋଲିସ ମାମଲା ରୁଜୁ କରି ଘଟଣାର ତଦନ୍ତ କରି ତାଙ୍କୁ ଗିରଫ କରିଛି । ଏହା ପଛରେ ମଧ ରାଜନୈତିକ ଅଭିସନ୍ଧି ଥିବା କୁହାଯାଉଛି ।

ଏସବୁ ଘଟଣା ପଛରେ ରାଜନୈତିକ ଅଭିସନ୍ଧି ରହିଥିବା କୁହାଯାଉଥିବା ବେଳେ ଏଭଳି ଗିରଫଦାରୀ କିଛି ନୂଆ କଥା ନୁହେଁ । ପୂର୍ବରୁ ଅନେକଙ୍କୁ ଏଭଳି ଗିରଫ କରାଯାଇଥିବା କୁହାଯାଉଛି । ମୋ ଜାଣିବାରେ ବିଜେଡି ସରକାରରେ ଯେତେବେଳେ ପ୍ୟାରୀମୋହନ ମହାପାତ୍ର ‘ସୁପର ସିଏମ୍’ ଥିଲେ, ସେତେବେଳେ ସରକାରଙ୍କୁ ହରଡଘଣାରେ ପକାଉଥିବା ସ୍ୱର୍ଗତଃ ଲୁଲୁ ମହାପାତ୍ରଙ୍କୁ ଚେକ୍ ଦେବାକୁ ତାଙ୍କର ଏକାନ୍ତ ଅନୁଗତ ତଥା ବିଧାୟକ ରମେଶ ଜେନାଙ୍କୁ ଗିରଫ କରାଯାଇଥିଲା । ପରେ ସରକାରଙ୍କ ବିରୋଧରେ ଖବର ପ୍ରକାଶ କରୁଥିବାରୁ ଜଣେ ଖବରକାଗଜ ମାଲିକଙ୍କୁ ପୋଲିସ ଗିରଫ କରିଥିଲା । ତାଙ୍କୁ ମଧ ଏକ ପୁରୁଣା ଓ ଛୋଟ ମାମଲାରେ ଗିରଫ କରାଯାଇଥିବା ସେତେବେଳେ ଚର୍ଚ୍ଚା ହୋଇଥିଲା ।

ବିଶେଷ କରି ନିକଟ ଅତିତରେ ବରିଷ୍ଠ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସଙ୍କ ଗିରଫଦାରୀ ବୋଧହୁଏ ସମସ୍ତଙ୍କୁ ଉଣାଅଧିକେ ଜଣାଥିବ । ଏହା ପଛରେ ମଧ ରାଜନୈତିକ ଉର୍ଦ୍ଦେଶ୍ୟ ରହିଥିଲା ବୋଲି ସେ ନିଜେ କହିଥିଲେ । ସେ ତାଙ୍କ ଚ୍ୟାନେଲ ମାଧ୍ୟମରେ କହିଥିଲେ, ସେ ପୁରୀ ଶ୍ରୀମନ୍ଦିର ପ୍ରକଳ୍ପକୁ ନେଇ ଖବର ପ୍ରସାରଣ କରିବା ସହ ସୁପ୍ରିମକୋର୍ଟରେ ଏକ ଜନସ୍ୱାର୍ଥ ମାମଲା ଦାୟର କରିଥିଲେ । ଯାହା ସେତେବେଳେ ବିଜେଡି ସରକାରଙ୍କୁ କାଠଗଡାକୁ ଟାଣିଥିଲା । ସରକାର ବଦନାମ ହୋଇଥିଲେ । ଫଳରେ କ୍ଷମତାସୀନ ସରକାର ଆକ୍ରୋଶମୂଳକ ଭାବେ ତାଙ୍କୁ ମଧ ଅନ୍ୟ ଏକ ମାମଲାରେ ଗିରଫ କରିଥିଲା ।

ସେହିପରି ଜନୈକ ଆଇଏଏସ ଅଫିସରଙ୍କ ବିରୋଧରେ ଖବର ପ୍ରକାଶ କରିବାରୁ ଆଉ ଜଣେ ଖବରକାଗଜ ମାଲିକଙ୍କୁ ମଧ ଗିରଫ କରାଯାଇଥିଲା, ତାହା ମଧ ସରକାରଙ୍କ ନିର୍ଦ୍ଦେଶରେ କରାଯାଇଥିବା ଅଭିଯୋଗ ହୋଇଥିଲା । କେବେଳ ଯେ, ଏହି ଗୋଟିଏ ଦୁଇଟି ଘଟଣା ନୁହେଁ, ବରଂ ବିଗତ ଦିନରେ ସରକାରଙ୍କ ବିରୋଧରେ ମୁହଁ ଖୋଲିଥିବା ଅନେକଙ୍କୁ ଗିରଫ କରାଯାଇ ଜେଲ ପଠାଯାଇଥିବା କୁହାଯାଉଛି । ଯଦି ଏହା ସତ ହୁଏ,ତେବେ ଏ ‘ବନ୍ଧା’ ରାଜନୀତି ଆଉ କେତେଦିନ ବୋଲି ଲୋକଙ୍କ ମନରେ ପ୍ରଶ୍ନ ଉଠୁଛି ।

# ହାତରୁ ଖସିଯିବ ବଡ଼ ବିଭାଗ !

## ପୃଥ୍ୱିରାଜଙ୍କ ହାତରୁ ଆଇନ ଓ ସୂରଜଙ୍କ ପାଖରୁ ଉଚ୍ଚଶିକ୍ଷା ଖସିଯିବ !




**ଭୁବନେଶ୍ୱର, (ରିପୋର୍ଟର୍ସ ପେନ୍):** ଗତ କିଛିଦିନ ହେଲା ରାଜ୍ୟରେ ମନ୍ତ୍ରିମଣ୍ଡଳ ଅଦଳବଦଳ ଚର୍ଚ୍ଚା ଜୋର ଧରିଛି । ମନମୋହନ ସାମଲ କ୍ରମାଗତ ଭାବେ ଦ୍ୱିତୀୟ ଥର ସଭାପତି ହେବା ଓ ରାଜ୍ୟପାଳଙ୍କ ସକ୍ରିୟତା ଏଥିପାଇଁ ଜବରଦସ୍ତ ଖୋରାକି ଯୋଗାଉଛି । ଏ ଭିତରେ କିନ୍ତୁ ଚର୍ଚ୍ଚା ହେଉଛି, ରଥଯାତ୍ରା ବିଭ୍ରାଟ ପରେ ପୃଥ୍ୱିରାଜଙ୍କ ହାତରୁ ଆଇନ ବିଭାଗ ଓ ବାଲେଶ୍ୱର ଛାତ୍ରୀ ଆତ୍ମହୂତି ଘଟଣା ପରେ ସୂର୍ଯ୍ୟବଂଶୀ ସୂରଜଙ୍କ ହାତରୁ ଉଚ୍ଚଶିକ୍ଷା ବିଭାଗ ଖସିଯିବ । ସେହିପରି ଦଳରେ ପ୍ରଧାନ ବ୍ରାଣ୍ଡ୍‌ଙ୍କର ମଧ ପଦ ହ୍ରାସ ପାଇବା ଏକ ପ୍ରକାର ନିଶ୍ଚିତ ବୋଲି କୁହାଯାଉଛି ।

କୁହାଯାଉଛି, ଶ୍ରୀମନ୍ଦିର ବ୍ୟାପାରକୁ ପରିଚାଳନା କରିବାରେ ମନ୍ତ୍ରିମଣ୍ଡଳ ବିଫଳ ହୋଇଛି । ଏହି କାରଣରୁ ଆଇନ ମନ୍ତ୍ରୀ ପୃଥ୍ୱିରାଜ ହରିଚନ୍ଦନଙ୍କୁ ଏହି ବିଭାଗରୁ ଦାୟିତ୍ୱମୁକ୍ତ କରାଯାଇ ତାଙ୍କ କ୍ଷମତା ସଙ୍କୁଚିତ କରାଯିବାର ଯୋଜନା ହେଉଛି । ଏଥିସହିତ ସେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ଅନୁଗତ ହୋଇଥିବା ମନ୍ତ୍ରିମଣ୍ଡଳ ଗଠନ ସମୟରେ ତାଙ୍କୁ ଏକାଧିକ ବିଭାଗ ମିଳିଥିଲା । ମନ୍ତ୍ରିମଣ୍ଡଳ ଗଠନ ସମୟରେ ହୋଇଥିବା ତ୍ରୁଟିକୁ ସଂଶୋଧନ କରିବା ଲାଗି ମଧ୍ୟ ମୁଖ୍ୟମନ୍ତ୍ରୀ ଓ ତାଙ୍କ ପରାମର୍ଶଦାତା ତଥା ରାଜନୀତିକ ସହଯୋଗୀମାନେ ଚିନ୍ତା କରୁଛନ୍ତି । ଯଦି ତାଙ୍କ ଠାରୁ ଆଇନ ବିଭାଗ ଛଡାଇ ନିଆଯାଏ, ତେବେ ତାଙ୍କ ସ୍ଥାନରେ ରାଜସ୍ୱମନ୍ତ୍ରୀ ତଥା ଆଇନଜୀବୀ ସୁରେଶ ପୂଜାରୀଙ୍କୁ ଏ ଦାୟିତ୍ୱ ମିଳିପାରେ ।

ଆଇନ ମନ୍ତ୍ରୀ ପୃଥ୍ୱୀରାଜଙ୍କର ଆଉ ଏକ ପରିଚୟ ହେଉଛି ସେ ବିଶ୍ୱଭୂଷଣ ହରିଚନ୍ଦନଙ୍କ ପୁଅ । ଏବେ ୯୦ ବର୍ଷ ବୟସରେ ଉପନୀତ ହୋଇଥିବା ବିଶ୍ୱଭୂଷଣ ବିଜେପି ପାଇଁ ଅନେକ କିଛି ସ୍ୱୀକାର କରିଛନ୍ତି । ବିଜେପିର ପ୍ରଥମ ରାଜ୍ୟ ସଭାପତି ଭାବେ ସେ ସଂଗଠନକୁ ମଜଭୁତ କରିବା ଦାୟିତ୍ୱ ନେଇଥିଲେ । ଯେତେବଳେ ବିଜେପି ନଥିଲା ସେତେବେଳେ ରାଷ୍ଟ୍ର ପ୍ରଥମ ଚିନ୍ତାଧାରାରେ ବିଶ୍ୱଭୂଷଣ ଜନସଂଘ ସହ ଯୋଗ ଦେଇଥିଲେ । ଯେମିତି ରାଜ୍ୟର ମନ୍ତ୍ରିମଣ୍ଡଳରେ ପ୍ରମୁଖ ଦାୟିତ୍ୱ ଦେବା ହେଉ ଅଥବା ର୍ବାଦ୍ଧକ୍ୟରେ ଆନ୍ଧ୍ରପ୍ରଦେଶର ରାଜ୍ୟପାଳ ଦାୟିତ୍ୱ ଦେଇ ତାଙ୍କୁ ସମ୍ମାନୀତ କରିବାକୁ ପଛାଇ ନାହିଁ । ଏବେ କୁହାଯାଏ ତାଙ୍କରି ପ୍ରତିଚ୍ଛବିକୁ ଦେଖି, ତାଙ୍କୁ ସମ୍ମାନ ଦେଇ ତାଙ୍କ ପୁଅ ପୃଥ୍ୱିରାଜ ହରିଚନ୍ଦନଙ୍କୁ ପ୍ରଥମଥର ବିଧାୟକ ହୋଇଥିଲେ ମଧ ତିନୋଟି ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀ ଭାବେ ଅବସ୍ଥାପିତ କରାଯାଇଛି ।

ହେଲେ ଆଜି ତାଙ୍କ ପାଇଁ ଓଡ଼ିଶା ନିନ୍ଦିତ ହେଉଛି, ମୁଖ୍ୟମନ୍ତ୍ରୀ କ୍ଷମା ମାଗୁଛନ୍ତି ହେଲେ ଗଣତନ୍ତ୍ରରେ ଲୋକଙ୍କ ଆଗରେ ମୁଣ୍ଡ ନୁଆଁଇବାର ସତ୍‌ସାହସ ପୃଥ୍ୱିରାଜଙ୍କ ପାଖରେ ନାହିଁ । ରଥଯାତ୍ରା ବିଶୃଙ୍ଖଳା, ଦଳାଚକଟା କଥା ତ ସମସ୍ତଙ୍କୁ ଉଣାଅଧିକେଜଣା । ଯାତ୍ରା ପୂର୍ବରୁ ଅନେକ ସମୀକ୍ଷା, ବୈଠକ ପରେ ମଧ୍ୟ ଠିକ୍ ରଥ ଦିନଠୁ ହିଁ ବିଶୃଙ୍ଖଳା ଆରମ୍ଭ ହୋଇଯାଇଥିଲା । ନୀତିରେ ବିଳମ୍ବ, ରଥଟଣାରେ ବିଳମ୍ବ, ରଥ ଦାଣ୍ଡରେ ଥିବା ବେଳେ ଭକ୍ତଙ୍କୁ ନିୟନ୍ତ୍ରଣ କରିବାରେ ବିଫଳତା ହେତୁ ଅନେକ ଆହତ ହେଲେ, ୩ ଜଣଙ୍କ ମୃତ୍ୟୁ ହେଲା ।

ଏଘଟଣାକୁ ନେଇ ଜିଲ୍ଲାପାଳ-ଏସ୍‌ପି ବଦଳିଲେ, ଅନେକ ପୋଲିସ ଅଧିକାରୀଙ୍କୁ କ୍ଷମତାଚ୍ୟୁତ କରାଗଲା । ପୁରୁଣା ଅଧିକାରୀଙ୍କୁ ଫେରାଇ ସରକାର ସମାଲୋଚିତ ହେଲେ । କିନ୍ତୁ ସମସ୍ତ ଦାୟିତ୍ୱର ମୁଖ୍ୟ ଆଇନମନ୍ତ୍ରୀ ନିଜ ମୁଣ୍ଡକୁ ଦୋଷ ନେବାକୁ ସାହସ କରିପାରିଲେ ନାହିଁ । ମୁଖ୍ୟମନ୍ତ୍ରୀ ସାମ୍ନାକୁ ଆସିଲେ କ୍ଷମା ମାଗିଲେ । ସବୁକିଛି ଶାନ୍ତ ପଡ଼ିଲା । ରଥଯାତ୍ରାର ଅବଶିଷ୍ଟ ଦିନଗୁଡ଼ିକ ଶୃଙ୍ଖଳିତ ହେଲା ।

କେବଳ ଏହି ଘଟଣା ନୁହେଁ, (ପୃଷ୍ଠା-୨ ଦେଖନ୍ତୁ)

# ଇଣ୍ଡି ମେଂଟ ଆଡେ ଢଳିବ କି ବିଜେଡି ?

**ଭୁବନେଶ୍ୱର (ରିପୋର୍ଟର୍ସପେନ୍) :** ଜଗଦୀପ ଧନଖଡ ଅଚାନକ ଇସ୍ତଫା ଦେବା ପରେ ଏବେ ଆଗକୁ ଉପରାଷ୍ଟ୍ରପତି ନିର୍ବାଚନ ହେବାକୁ ଯାଉଛି । ଏଥିପାଇଁ ବିଧିବଦ୍ଧ ବିଜ୍ଞପ୍ତି ମଧ ପ୍ରକାଶ ପାଇଛି । ଏହାରି ଭିତରେ ସମସ୍ତଙ୍କ ନଜର ବିଜେଡିର ଗତିବିଧି ଉପରେ ରହିଛି । ବିଜେଡିର ଗତି କୁଆଡେ, ସେ କାହାକୁ ସମର୍ଥନ କରିବ ? ସମଦୂରତା କଥା କହୁଥିବା ବିଜେଡି ବିଗତ ବର୍ଷରେ ଅନେକ କ୍ଷେତ୍ରରେ ଏନଡିଏ ମେଂଟକୁ ସମର୍ଥନ ଦେଇ ଆସିଛି । ୱାକଫ୍ ବିଲରେ ବିଜେପି ସରକାରକୁ ବିବେକାନୁମୋଦିତ ଭୋଟ ଦେଇ ଚର୍ଚ୍ଚାରେ ରହିଥିବା ବିଜେଡି ଏଥର କେଉଁ ବାଟରେ ଯିବ ତାହା ଉପରେ ସମସ୍ତଙ୍କର ନଜର ରହିଛି ।

ରାଜ୍ୟରେ ବିଜେପି ସରକାରକୁ ବିଜେଡି ଜୋରଦାର ବିରୋଧ କରୁଛି । ସେହିପରି ରାଜ୍ୟରେ ନାରୀ ବିରୋଧୀ ହିଂସା ଘଟଣାରେ କଂଗ୍ରେସ ସହ ସମାନ ପ୍ରସଙ୍ଗ ଧରିଥିବା ବିଜେଡି ଉପରାଷ୍ଟ୍ରପତି ନିର୍ବାଚନରେ ଇଣ୍ଡି ମେଂଟ ଆଡେ ଢଳିବ କି, ଏନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି ।

ବିଜେପି ଓ କଂଗ୍ରେସ ଠାରୁ ସମଦୂରତା କଥା ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ବିଜେଡି ନେତାମାନେ ସବୁବେଳେ କହୁଥିଲେ । କେନ୍ଦ୍ରରେ ଯେଉଁ ସରକାର ରହିଲେ ବି ବିଜେଡି ଏହି କଥା ୨୦୦୯ରୁ କହି ଆସୁଥିଲା । ସେଥିପାଇଁ ବିଜେଡିକୁ ଅନେକ ସମୟରେ ବିଜେପି ଓ କଂଗ୍ରେସର ’ବି’ ଟିମ ବୋଲି ରାଜନୈତିକ ଦଳ ଓ ସମୀକ୍ଷକ କୁହନ୍ତି । କିନ୍ତୁ ୨୦୧୪ରୁ ବିଜେଡି ଅନେକ ପ୍ରସଙ୍ଗରେ ବିଜେପି ନେତୃତ୍ୱାଧିନ ଏନଡିଏକୁ ଅକୁଣ୍ଠ ସମର୍ଥନ ଦେଇଆସିଛି । ଏଥିପାଇଁ ଅନେକ ସମୟରେ କଂଗ୍ରେସ ଦଳ ବିଜେଡିକୁ କାଉଂଟର ମଧ୍ୟ କରିଛି । ହେଲେ ବିଜେଡି ଏହାକୁ ପ୍ରସଙ୍ଗ ଭିତିକ ସମର୍ଥନ ବୋଲି କହି ଏଡାଇ ଆସିଛି । ତିନି ତଲାକ, ଜମ୍ମୁ-କାଶ୍ମୀର ବିଲ, ଦିଲ୍ଲୀ ସର୍ଭିସ ବିଲରେ ଏନଡିଏ ସମର୍ଥନ ମାଗିବା ପୂର୍ବରୁ ବିଜେଡି ନିଜ ଆଡୁ ସମର୍ଥନ ଦେଇଥିଲା ।

୨୦୨୪ ପରେ କିନ୍ତୁ, ସ୍ଥିତି ବଦଳିଛି । ରାଜ୍ୟରେ ବିଜେଡି କ୍ଷମତାରୁ ହଟିଛି । ଲୋକସଭାରେ ବିଜେଡି ଖାତା (ପୃଷ୍ଠା-୨ ଦେଖନ୍ତୁ)

ରିପୋର୍ଟର୍ସ ପେନ୍
Reporters Pen






ମେଘାଳୟରେ ଆୟୋଜିତ ସିବିଏସ୍ଇ ଜୋନାଲ ଟାଇକୋଣ୍ଡୋ ଚାମ୍ପିୟନସିପ୍‌ରେ ହାଇଟେକ୍ ମେଡିକାଲ ସ୍କୁଲର ଛାତ୍ରୀ ସୋନାଲି ତ୍ରିପାଠୀ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂ...

## ହାତରୁ ଖସିଯିବ ବଡ଼ ବିଭାଗ !

ବରଂ ପ୍ରଥମେ ଭକ୍ତଙ୍କ ପାଇଁ ବଡ଼ଦାଣ୍ଡରେ ନିର୍ମାଣ କରାଯାଇଥିବା ଏସି ଟନେଲକୁ ତ ଭଙ୍ଗାଯାଇ ୪ ଦ୍ୱାର ଖୋଲାଯାଇଥିବା କୁହାଯାଇଛି ହେଲେ ବାସ୍ତବରେ ଶୃଙ୍ଖଳିତ ଦର୍ଶନ ବ୍ୟବସ୍ଥାକୁ ସରକାର ଲାଗୁ କରିପାରି ନାହାନ୍ତି । ପ୍ରତିଦିନ ନୂଆ ନୂଆ ଘୋଷଣା କରିଛନ୍ତି ତାହାକୁ କାର୍ଯ୍ୟକାରୀ କରାଯାଇପାରି ନାହିଁ । ଶ୍ରୀମନ୍ଦିର ପରିଚାଳନା କମିଟିକୁ ଏଯାଏ ଗଠନ କରାଯାଇ ପାରି ନାହିଁ । ରତ୍ନଭଣ୍ଡାରର ମରାମତି ସିନା ସରିଛି ହେଲେ କେବେ ଗଣତି ହେବ, କେବେ ସେ ପୁନୋରୁଦ୍ଧାର ହୋଇଥିବା ରତ୍ନ ଭଣ୍ଡାର ବ୍ୟବହାର ହେବ ତାହା କେହି କହିବା ବି ସମ୍ଭବ ହୋଇପାରୁ ନାହିଁ । ଯେଉଁ ଅଧିକାରୀଙ୍କ ଶାସନକୁ ସମାଲୋଚିତ କରି ବିଜେପି କ୍ଷମତାକୁ ଆସିଥିଲା ଆଜି ସେହି ଅଧିକାରୀଙ୍କୁ ଏ କ୍ଷେତ୍ରରେ ପ୍ରାଧାନ୍ୟ ଦେଉଛି । ପରିଚାଳନା କମିଟି ଗଠନ ହୋଇ ନଥିବାରୁ କୌଣସି ସଂସ୍କାର ମୂଳକ ପଦକ୍ଷେପ ଗ୍ରହଣ କରାଯାଇ ପାରିନାହିଁ । ଏହା ବିଫଳତା ନୁହେଁ ତ ଆଉ କ'ଣ ?

ସେହିପରି ଧର୍ମେନ୍ଦ୍ରଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ସୂର୍ଯ୍ୟବଂଶୀ ସୂରଜଙ୍କୁ ଉଚ୍ଚଶିକ୍ଷା ସମେତ ଏକାଧିକ ବିଭାଗର ମନ୍ତ୍ରୀ କରାଗଲା । ମନ୍ତ୍ରିମଣ୍ଡଳ ଗଠନ ବେଳେ କେନ୍ଦ୍ରମନ୍ତ୍ରୀ ଏଥିପାଇଁ ସୁପାରିଶ କରିଥିବା କୁହାଯାଉଛି । ଏହା ବ୍ୟତୀତ ପୂର୍ବତନ ବିଧାୟକ ତଥା ବରିଷ୍ଠ ବିଜେପି ନେତା ବିଷ୍ଣୁ ସେଠୀଙ୍କ ପୁଅ ହୋଇଥିବାରୁ ଦଳ ତାଙ୍କ ପ୍ରତି ଟିକେ କୋହଳ ମନୋଭାବ ପୋଷଣ କରିଥିଲା । ହେଲେ ସେ ଭାଷଣବାଜୀ ଅଧିକ କରୁଛନ୍ତି, କାମ ଘର ଶୂନ ରହିଛି । ବାଲେଶ୍ୱର ଏଫଏମ୍ କଲେଜ ଛାତ୍ରୀ ଘଟଣା ପରେ ସେ ବିବାଦ ଘେରକୁ ଆସିଛନ୍ତି । ତେଣୁ ତାଙ୍କ ଠାରୁ ମଧ ଉଚ୍ଚଶିକ୍ଷା ବିଭାଗ ଛଡାଇ ନେବାକୁ ଦଳ ଚିନ୍ତା କରୁଛି । କେବଳ ଏହି ଦୁଇଜଣ ନୁହଁନ୍ତି, ଏଭଳି ଅନେକ ମନ୍ତ୍ରୀଙ୍କ ଠାରୁ ବିଭାଗ କାଢି ନେବାକୁ ଦଳ ଚିନ୍ତା କରୁଛି ।

## ଇଣ୍ଡି ମେଂଟ ଆଡେ ଢଳିବ କି ବିଜେଡି ?

ଖୋଲିବାକୁ ବିଫଳ ହୋଇଛି । ରାଜ୍ୟସଭାରେ ବିଜେଡି ସଂଖ୍ୟା ମଧ୍ୟ କମିଛି । ଯେବେଠୁ ଦଳ ରାଜ୍ୟରେ କ୍ଷମତାରୁ ହଟିଛି, ସେବେଠୁ ସବୁ ଚିତ୍ର ବଦଳିଯାଇଛି । ବିଭିନ୍ନ ପ୍ରସଙ୍ଗରେ ରାଜ୍ୟରେ ବିଜେପି ସରକାରକୁ ବିଜେଡି ଜୋରଦାର ବିରୋଧ କରୁଛି । କିନ୍ତୁ ଗତ ବଜେଟ ଅଧିବେଶନରେ ୱାକଫ ବିଲରେ ବିଜେଡିର ନୀତିକୁ ନେଇ ସାରା ଦେଶରେ ବଡ଼ ଚର୍ଚ୍ଚା ସୃଷ୍ଟି ହୋଇଥିଲା । ୱାକଫ ବିଲ ବେଳେ ବିଜେଡି ଏହାକୁ ବିରୋଧ କରିବ ବୋଲି ପ୍ରଥମରୁ ସଂସଦୀୟ ଦଳ ବୈଠକରେ ନିଷ୍ପତି ନେଇଥିଲା । ହେଲେ ଶେଷ ମୁହୂର୍ତରେ କିନ୍ତୁ ସାଂସଦଙ୍କ ବିବେକ ଉପରେ ସବୁକିଛି ଛାଡ଼ିଦିଆଗଲା । ଯାହା ଫଳରେ ବିଜେଡିର ୭ ସାଂସଦଙ୍କ ମଧ୍ୟରୁ ୫ ଜଣ ସାଂସଦ ୱାକଫ ବିଲ ସପକ୍ଷରେ, ଜଣେ ବିରୋଧରେ ଓ ଆଉ ଜଣେ ଭୋଟ ଦେଲେନାହିଁ । ଯାହାକୁ ନେଇ ସେତେବେଳେ ରାଜନୀତି ମଧ୍ୟ ସରଗରମ ହୋଇଥିଲା । ଦଳ ଭିତରେ ବିବାଦ ସୃଷ୍ଟି ହେବା ପରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ବିବେକାନୁମୋଦିତ ଭୋଟ ଦେବା କଥା ଚର୍ଚ୍ଚାରେ ଯବନୀକା ପକାଇଥିଲେ ।

ଗତ କିଛି ମାସ ମଧ୍ୟରେ ବିଜେଡି ରାଜ୍ୟରେ ଘଟିଥିବା ନାରୀ ନିର୍ଯ୍ୟାତନା ସହ ଅନେକ ପ୍ରସଙ୍ଗରେ ବିଜେପିକୁ ନକେଦାମ କରିଛି । ତେଣୁ ଆଗକୁ ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି କେଉଁ ନିଷ୍ପତି ନେଉଛି, ତାହା ଏବେ ସବୁଠୁ ଗୁରୁତ୍ୱପୂର୍ଣ୍ଣ । ଯଦି ବିଜେଡି ଉପରାଷ୍ଟ୍ରପତି ନିର୍ବାଚନରେ ଏନ୍‌ଡିଏ ପ୍ରାର୍ଥୀଙ୍କୁ ସମର୍ଥନ କରେ, ତେବେ ବିଜେଡି ବିଜେପିର 'ବି' ଟିମ ବୋଲି ଅପବାଦ ମୁଣ୍ଡାଇବାକୁ ପଡ଼ିବ । କଂଗ୍ରେସ ଲଗାତାର ଭାବେ ଯେଉଁଭଳି ପ୍ରସଙ୍ଗ ଉଠାଇ ସରକାରକୁ ହରଡ଼ଘଣାରେ ପକାଉଛି, ବିଜେଡିକୁ ମଧ୍ୟ କଂଗ୍ରେସ ସେହିଭଳି ଭାବେ ଅସୁବିଧାରେ ପକାଇବ । ଯଦି ଭୋଟିଂରୁ ନିଜକୁ ଦୂରେଇ ରଖେ, ତେବେ ଦିଲ୍ଲୀ ରାଜନୀତିରେ ନିଜର ଓଜନ ହରାଇବ । ଆଉ ଯଦି ଦଳ ଏନଡିଏ ପ୍ରାର୍ଥୀଙ୍କୁ ବିରୋଧ କରି ବିରୋଧୀ ପ୍ରାର୍ଥୀଙ୍କୁ ସମର୍ଥନ କରେ, ତେବେ ରାଜ୍ୟ ସହିତ ଦିଲ୍ଲୀ ରାଜନୀତିରେ ଗୋଟିଏ ନୂଆ ସମୀକରଣ ଦେଖିବାକୁ ମିଳିବ । ଉପରାଷ୍ଟ୍ରପତି ନିର୍ବାଚନରେ ବିଜେଡି ଖଣ୍ଡାର ଧାର ହେଇ ଛିଡ଼ା ହୋଇଛି ।

ଏନେଇ ବିଜେଡିର ଜଣେ ନେତା କହିଛନ୍ତି, 'ଦଳ ସମଦୂରତା ନୀତିରେ ଅଛି । ବିଜେପି ଓ କଂଗ୍ରେସ ଠାରୁ ଆମେ ଦୂରରେ ଥିଲୁ । ଏବେ ମଧ୍ୟ ଅଛୁ । କେନ୍ଦ୍ରରେ ଯିଏ ବି ଥାଉ ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ବିଜେଡି ସର୍ବଦା ନିଷ୍ପତି ନେଇଛି । ଆଗକୁ ମଧ୍ୟ ନେବ । ଦଳର ସଭାପତିଙ୍କର ଏହା ଇଚ୍ଛାଧୀନ ବ୍ୟାପାର । ଖୁବଶୀଘ୍ର ସେ ଏ ବାବଦରେ ନିଷ୍ପତି ନେବେ । ରାଜନୈତିକ ସମୀକ୍ଷକଙ୍କ ମତରେ, ଏନଡିଏରେ ନଥିଲେ ମଧ୍ୟ ବିଜେଡି ମୋଦୀ ସରକାରଙ୍କର ଅଧିକାଂଶ ନୀତିକୁ ସଂସଦରେ ସମର୍ଥନ କରି ଆସିଛି । ଉପରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ ବିଜେଡି ସମାନ ଭୂମିକା ନେଇପାରେ । ଓଡିଶାର ବିଜେପି ସରକାରକୁ ବିଜେଡି ବିରୋଧ କରିବା ଗୋଟେ କଥା । ଦିଲ୍ଲୀରେ ଏନଡିଏ ସରକାରକୁ ବିଜେଡି ବିରୋଧ କରିବା ଭିନ୍ନ କଥା । ବିଜେପିର କେନ୍ଦ୍ରୀୟ ନେତୃତ୍ୱ ସହ ଯେଉଁ ସଂପର୍କ ରହିଛି, ସେଥିପାଇଁ ବିଜେଡି ସମର୍ଥନ କରି ଆସିଛି । ୱାକଫରେ ସମସ୍ତେ ଦେଖିଲେ । ଉପରାଷ୍ଟ୍ରପତି ନିର୍ବାଚନରେ ମଧ୍ୟ ଏନଡିଏ ପ୍ରାର୍ଥୀଙ୍କୁ ବିଜେଡି ସମର୍ଥନ କରିବ, ଏଥରେ ସନ୍ଦେହ ନାହିଁ । କାରଣ, ଅନ୍ୟ ରାଜ୍ୟରେ ବିରୋଧୀ ଦଳ ଉପରେ କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ନଜର ରହିଛି । ଓଡିଶାରେ ସେମିତି ଇଡି, ସିବିଆଇ, ଇନକମ ଟ୍ୟାକ୍ସର ରେଡ଼ ନାହିଁ । କାରଣ କେନ୍ଦ୍ରୀୟ ବିଜେପି ସହ ବିଜେଡିର ସଂର୍ପକ ଏବେ ବି ଭଲ ରହିଛି । ଆଗାମୀ ଦିନରେ ମଧ ସୁସମ୍ପର୍କ ରହିବ ବୋଲି ଆଶା ରହିଛି ।

# 'ଅପରେସନ ସିନ୍ଦୂର'; ଫସି ଗଲେ କି ସରକାର ?



ନୂଆଦିଲ୍ଲୀ: ଲୋକସଭାର ବିରୋଧୀ ଦଳ ନେତା ଏବଂ କଂଗ୍ରେସ ସାଂସଦ ରାହୁଲ ଗାନ୍ଧୀ ମଙ୍ଗଳବାର 'ଅପରେସନ୍ ସିନ୍ଦୂର' ଉପରେ ସରକାରଙ୍କ କାର୍ଯ୍ୟାନୁଷ୍ଠାନକୁ ସମାଲୋଚନା କରିଛନ୍ତି ଏବଂ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହଙ୍କ ସଂସଦରେ ଦେଇଥିବା ବୟାନକୁ ଉଲ୍ଲେଖ କରି ଅଭିଯୋଗ କରିଛନ୍ତି ଯେ ଭାରତ ପାକିସ୍ତାନକୁ ତାର ସୀମା ଦେଖାଇଛି ଏବଂ ଯୁଦ୍ଧ କରିବାକୁ ଏହାର 'ରାଜନୈତିକ ଇଚ୍ଛାଶକ୍ତି' ନାହିଁ ବୋଲି କହିଛନ୍ତି । ଅପରେସନ୍ ସିନ୍ଦୂର ଉପରେ ଏକ ବିତର୍କ ସମୟରେ ସଦନକୁ ସମ୍ବୋଧିତ କରି କଂଗ୍ରେସ ସାଂସଦ କହିଛନ୍ତି, 'ଗତକାଲି ମୁଁ ରାଜନାଥ ସିଂହଙ୍କ ଭାଷଣ ଭଲ ଭାବେ ଶୁଣିଲି ।'

ସେ କହିଥିଲେ ଯେ, ଅପରେସନ ସିନ୍ଦୁର ରାତି ୧.୦୫ ରେ ଆରମ୍ଭ ହୋଇଥିଲା । ଅପରେସନ ସିନ୍ଦୁର ୨୨ ମିନିଟ୍ ଧରି ଚାଲିଥିଲା । ତା'ପରେ ସେ ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା କହିଲେ - ୧.୩୫ ରେ, ଆମେ ପାକିସ୍ତାନକୁ ଫୋନ୍ କରି କହିଥିଲୁ ଯେ ଆମେ ଅଣ-ସାମରିକ ଟାର୍ଗେଟକୁ ଆକ୍ରମଣ କରୁଛୁ ଏବଂ ଆମେ ଉତେଜନା ବୃଦ୍ଧି ଚାହୁଁନାହୁଁ... ହୁଏତ ସେ ବୁଝିପାରୁନାହାଁନ୍ତି ଯେ ସେ କ'ଣ ପ୍ରକାଶ କରିଛନ୍ତି । ଅପରେସନ ସିନ୍ଦୁର ରାତିରେ ହିଁ ରାତି ୧.୩୫ରେ ଯୁଦ୍ଧବିରତି ପାଇଁ ଭାରତ ସରକାରଙ୍କ ଦ୍ୱାରା ଭାରତର ଡିଜିଏମଓଙ୍କୁ କୁହାଯାଇଥିଲା...' 'ତୁମେ ପାକିସ୍ତାନୀମାନଙ୍କୁ ଠିକ୍ କ'ଣ କରିବ କହିଥିଲ । ତୁମେ ସେମାନଙ୍କୁ କହିଥିଲ ଯେ ଆମେ ସାମରିକ ଟାର୍ଗେଟକୁ ଆକ୍ରମଣ କରିବୁ ନାହିଁ, ତୁମେ ସେମାନଙ୍କୁ କହିଥିଲ ଯେ ଆମେ ଉତେଜନା ବୃଦ୍ଧି ଚାହୁଁନାହୁଁ... ଏହାର ଅର୍ଥ ତୁମେ ସିଧାସଳଖ ପାକିସ୍ତାନକୁ କହିଛ ଯେ, ତୁମର ଯୁଦ୍ଧ କରିବାର ରାଜନୈତିକ ଇଚ୍ଛାଶକ୍ତି ନାହିଁ । ଏହା ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ।

ଏହାର ଅର୍ଥ ହେଉଛି ଭାରତ ସରକାର ପାକିସ୍ତାନ ସରକାରଙ୍କୁ ଜଣାଇ ଦେଇଛନ୍ତି ଯେ ଆମର କୌଣସି ରାଜନୈତିକ ଇଚ୍ଛାଶକ୍ତି ନାହିଁ, ଆମେ ଯୁଦ୍ଧ କରିବାକୁ ଚାହୁଁନାହୁଁ । ଆତ୍ମସମର୍ପଣ କରନ୍ତୁ, ଅଧଘଂଟା ମଧ୍ୟରେ ତୁରନ୍ତ ଆତ୍ମସମର୍ପଣ କରନ୍ତୁ, 'କଂଗ୍ରେସ ସାଂସଦ ଆହୁରି କହିଛନ୍ତି । ରାହୁଲ ଗାନ୍ଧୀ ମଙ୍ଗଳବାର ଲୋକସଭାରେ ରାଜନାଥ ସିଂହଙ୍କ ମନ୍ତବ୍ୟକୁ ମଧ୍ୟ ଉଲ୍ଲେଖ କରିଛନ୍ତି ଯେଉଁଥିରେ ପ୍ରତିରକ୍ଷା ମନ୍ତ୍ରୀ ଅପରେସନ ସିନ୍ଦୂରକୁ ୧୯୭୧ ଯୁଦ୍ଧ ସହିତ ତୁଳନା କରି କହିଥିଲେ ଯେ, ସେତେବେଳେ ପରିସ୍ଥିତିରେ ବହୁତ ପାର୍ଥକ୍ୟ ଥିଲା, ଯେଉଁଠାରେ ଏକ ଲକ୍ଷ ପାକିସ୍ତାନୀ ସୈନିକ ଆତ୍ମସମର୍ପଣ କରିଥିଲେ । 'ଗତକାଲି, ରାଜନାଥ ସିଂହ ୧୯୭୧ ଯୁଦ୍ଧ ଏବଂ ଅପରେସନ ସିନ୍ଦୂରର ତୁଳନା କରିଥିଲେ ଏବଂ ମୁଁ ତାଙ୍କୁ ମନେ ପକାଇ ଦେବାକୁ ଚାହୁଁଛି, ୧୯୭୧ରେ ଏକ ରାଜନୈତିକ ଇଚ୍ଛାଶକ୍ତି ଥିଲା... ୧୯୭୧ରେ, ଭାରତରେ ରାଜନୈତିକ ଇଚ୍ଛାଶକ୍ତି ଥିଲା ।'

ଆମେରିକୀୟ ଜାହାଜ ପ୍ରବେଶ କରିବା ସମୟରେ ମଧ୍ୟ ଇନ୍ଦିରା ଗାନ୍ଧୀ ସାମ ମାନେକଶାଙ୍କୁ ପୂର୍ଣ୍ଣ ସ୍ୱାଧୀନତା ଦେଇଥିଲେ ।' ଇଣ୍ଡୋନେସିଆର ପ୍ରତିରକ୍ଷା କର୍ମଚାରୀ ମୁଖ୍ୟ ଲେଫ୍‌ଟନାଂଟ ଜେନେରାଲ ଅନିଲ ଚୌହାନ ଏବଂ କ୍ୟାପ୍ଟେନ ଶିବ କୁମାରଙ୍କ ମନ୍ତବ୍ୟକୁ ଉଲ୍ଲେଖ କରି ରାହୁଲ ଗାନ୍ଧୀ ଆହୁରି ଅଭିଯୋଗ କରିଛନ୍ତି ଯେ ଭାରତ ତାର ଲଢୁଆ ବିମାନ ହରାଇଛି କାରଣ ସଶସ୍ତ୍ର ବାହିନୀ 'ରାଜନୈତିକ ନେତୃତ୍ୱ ଦ୍ୱାରା ବନ୍ଧିତ' ଥିଲେ । ରାହୁଲ କହିଛନ୍ତି, 'ଦ୍ୱିତୀୟ କଥା ହେଉଛି ସେ (ପ୍ରତିରକ୍ଷା ମନ୍ତ୍ରୀ) କହିଛନ୍ତି - ସେ ପାକିସ୍ତାନୀମାନଙ୍କୁ କହିଥିଲେ ଯେ ଆମେ ତୁମର କୌଣସି ସାମରିକ ଭିତିଭୂମିକୁ ଆକ୍ରମଣ କରିବୁ ନାହିଁ ।'

ଏହା ଏକ ଆକର୍ଷଣୀୟ ତଥ୍ୟ । ମୁଁ କଥିତ ସ୍ୱାଧୀନତାର କଥା କହିଲି, ଯାହାର ଅର୍ଥ ବାୟୁସେନାକୁ ସ୍ୱାଧୀନତା । ଇଣ୍ଡୋନେସିଆର ପ୍ରତିରକ୍ଷା ଆଟାଚେ କ୍ୟାପ୍ଟେନ ଶିବ କୁମାର କୁହନ୍ତି - ମୁଁ ତାଙ୍କ ସହ ସହମତ ନ ହୋଇପାରେ ଯେ ଭାରତ ଏତେ ବିମାନ ହରାଇଛି, କିନ୍ତୁ ମୁଁ ସହମତ ଯେ ଆମେ କିଛି ବିମାନ ହରାଇଛୁ, ଏହା କେବଳ ରାଜନୈତିକ ନେତୃତ୍ୱ ଦ୍ୱାରା ସାମରିକ ପ୍ରତିଷ୍ଠାନ ଏବଂ ସେମାନଙ୍କର ବାୟୁ ପ୍ରତିରକ୍ଷା ଉପରେ ଆକ୍ରମଣ ନକରିବା ପାଇଁ ଦିଆଯାଇଥିବା ପ୍ରତିବନ୍ଧକ ଯୋଗୁଁ ଘଟିଥିଲା ।' 'ଏହାର ଅର୍ଥ - ତୁମେ ପାକିସ୍ତାନ ଭିତରକୁ ଯାଇ ଆମର ପାଇଲଟମାନଙ୍କୁ ସେମାନଙ୍କର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଉପରେ ଆକ୍ରମଣ ନକରିବାକୁ କହିଥିଲ । ଏହାର ଅର୍ଥ ତୁମେ ତୁମର ପାଇଲଟମାନଙ୍କୁ ପାକିସ୍ତାନକୁ ଯାଇ ଆକ୍ରମଣ କରିବାକୁ ଏବଂ ସେମାନଙ୍କର ବାୟୁ ପ୍ରତିରକ୍ଷା ପ୍ରଣାଳୀର ସାମ୍ନା କରିବାକୁ କହିଥିଲ ।'

ଏହାର ଅର୍ଥ ତୁମେ ସେମାନଙ୍କ ହାତ ପଛପଟେ ବାନ୍ଧି ଦେଇଛ । କଥା ହେଉଛି, ବିମାନ ହଜିଯାଇଛି । ଏହାର ଅର୍ଥ ତୁମେ ଆରମ୍ଭ କରି କହିଥିଲ ଯେ ତୁମର ରାଜନୈତିକ ଇଚ୍ଛାଶକ୍ତି ନାହିଁ ଏବଂ ତୁମେ ସାମରିକ ପ୍ରତିଷ୍ଠାନ ଉପରେ ଆକ୍ରମଣ କରିବ ନାହିଁ, ଏବଂ ତା'ପରେ ପାଇଲଟମାନଙ୍କୁ ଯୁଦ୍ଧ କରିବାକୁ କହିଥିଲ । ଫଳାଫଳ ସମସ୍ତେ ଜାଣନ୍ତି; ତୁମେ ଉତର ଦେବାକୁ ଚାହୁଁନାହଁ, କିନ୍ତୁ ଫଳାଫଳ ସମସ୍ତେ ଜାଣନ୍ତି...' । ଭାରତ ତାର ଲଢୁଆ ବିମାନ ହରାଇଛି ବୋଲି ଦାବି କରି, ଗାନ୍ଧୀ ଏଥିପାଇଁ କେନ୍ଦ୍ର ସରକାରଙ୍କୁ ଦାୟୀ କରିଥିଲେ, ବାୟୁସେନା ଦ୍ୱାରା କୌଣସି କୌଶଳଗତ ଭୁଲ କରାଯାଇ ନାହିଁ ବୋଲି ଦାବି କରିଥିଲେ । ରାହୁଲ କହିଥିଲେ, 'ମୁଁ ସିଡିଏସ ଜେନେରାଲ ଅନିଲ ଚୌହାନଙ୍କୁ କହିବାକୁ ଚାହୁଁଛି, ତୁମେ କୌଣସି କୌଶଳଗତ ଭୁଲ କରିନାହଁ, ଭାରତୀୟ ବାୟୁସେନା କୌଣସି ଭୁଲ କରିନାହଁ, ଭୁଲ ରାଜନୈତିକ ନେତୃତ୍ୱ ଦ୍ୱାରା କରାଯାଇଥିଲା ଯେଉଁମାନେ କହିଥିଲେ ଯେ ତୁମେ ସାମରିକ ଭିତିଭୂମି ଉପରେ ଆକ୍ରମଣ କରିପାରିବ ନାହିଁ । ବାୟୁସେନା ଆଦୌ ଦୋଷୀ ନୁହେଁ ।'

# ପ୍ରଳୟ କ୍ଷେପଣାସ୍ତ୍ରର ସଫଳ ପରୀକ୍ଷଣ

**ବାଲେଶ୍ୱର (ରିପୋର୍ଟର୍ସପେନ୍) :** ଡିଆରଡିଏ ଏକ ବଡ଼ ସଫଳତା ହାସଲ କରିଛି । ଓଡ଼ିଶାର ଅବଦୁଲ କଲାମ ଦ୍ୱୀପରୁ 'ପ୍ରଳୟ' କ୍ଷେପଣାସ୍ତ୍ରର ଦୁଇଟି ସଫଳ ପରୀକ୍ଷଣ କରାଯାଇଛି । ଏହି ପରୀକ୍ଷଣଗୁଡ଼ିକ ୨୮ ଏବଂ ୨୯ ଜୁଲାଇରେ କରାଯାଇଥିଲା । ଡିଆରଡିଏ ପକ୍ଷରୁ ଏକ ବୟାନରେ କୁହାଯାଇଛି ଯେ, ଉଭୟ କ୍ଷେପଣାସ୍ତ୍ର ଲକ୍ଷ୍ୟଭେଦ କରିବାରେ ସଫଳ ହୋଇଥିଲା । କ୍ଷେପଣାସ୍ତ୍ରଗୁଡ଼ିକ ସ୍ଥିର ପଥ ଅନୁସରଣ କରିଥିଲେ ଏବଂ ଲକ୍ଷ୍ୟସ୍ଥଳକୁ ସଠିକ୍ ଭାବରେ ଆକ୍ରମଣ କରିଥିଲେ ।' ଏହି ପରୀକ୍ଷଣର ଉଦ୍ଦେଶ୍ୟ ହେଉଛି ଦେଖିବା ଯେ ଏହି କ୍ଷେପଣାସ୍ତ୍ରଗୁଡ଼ିକ ଅତି କମରେ ଏବଂ ସର୍ବାଧିକ କେତେ ଦୂରକୁ ଆକ୍ରମଣ କରିପାରିବ ।

**ପ୍ରଳୟ କ୍ଷେପଣାସ୍ତ୍ର କଣ ?**

'ପ୍ରଳୟ' ଏକ କ୍ଷୁଦ୍ର ଦୂରଗାମୀ ବାଲିଷ୍ଟିକ୍ କ୍ଷେପଣାସ୍ତ୍ର । ଭାରତରେ ବିକଶିତ ଏହି କ୍ଷେପଣାସ୍ତ୍ର କଠିନ ଇନ୍ଧନ ଉପରେ ଆଧାରିତ ଏବଂ ୩୫୦ ରୁ ୭୦୦ କିଲୋଗ୍ରାମ ଓଜନର ବିଭିନ୍ନ ପ୍ରକାରର ଅସ୍ତ୍ରଶସ୍ତ୍ର ବହନ କରିବାକୁ ସକ୍ଷମ । 'ପ୍ରଳୟ' କ୍ଷେପଣାସ୍ତ୍ରର ପରିସର ୧୫୦ ରୁ ୫୦୦ କିଲୋମିଟର । ଏହା ଶତ୍ରୁର ସମସ୍ତ ପ୍ରକାରର ସାମରିକ ଘାଟି ଯେପରିକି ସେମାନଙ୍କର କମାଣ୍ଡ ସେଂଟର ଏବଂ ଏୟାରବେସ୍‌କୁ ଟାର୍ଗେଟ କରିବାକୁ ସକ୍ଷମ । 'ପ୍ରଳୟ' କ୍ଷେପଣାସ୍ତ୍ରରେ ସ୍ୱତନ୍ତ୍ର ନାଭିଗେସନ୍ ସିଷ୍ଟମ୍ ସ୍ଥାପିତ ହୋଇଛି । ଏହା ଏହାକୁ ମଝି ଆକାଶରେ ମଧ୍ୟ ନିର୍ଦ୍ଦେଶ ଅନୁଯାୟୀ ଏହାର ଦିଗ ପରିବର୍ତନ କରିବାକୁ ସକ୍ଷମ କରିଥାଏ । ତେଣୁ ଶତ୍ରୁ ପକ୍ଷରେ ଏହାକୁ ଆକାଶରେ ଗୁଳି କରିବା କଷ୍ଟକର । ଏଥିପାଇଁ ଏକ କଠିନ ପ୍ରପେଲାଂଟ ରକେଟ୍ ମୋଟର ବ୍ୟବହାର କରାଯାଇଛି । ଏହା ଏହାକୁ ଶୀଘ୍ର ଲଂଚ କରିବାକୁ ଅନୁମତି ଦିଏ ଏବଂ ଏହା ଲକ୍ଷ୍ୟସ୍ଥଳକୁ ଅତି ସଠିକ୍ ଭାବରେ ଆକ୍ରମଣ କରିବାକୁ ସକ୍ଷମ । ଅବଦୁଲ କଲାମ ଦ୍ୱୀପରେ ଏହି ପରୀକ୍ଷଣ ସମୟରେ ଡିଆରଡିଏ ବୈଜ୍ଞାନିକ ଓ ଭାରତୀୟ ସେନା, ବାୟୁସେନା ଓ ପ୍ରତିରକ୍ଷା ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ବ୍ୟକ୍ତିମାନେ ଉପସ୍ଥିତ ଥିଲେ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏହି ସଫଳ ପରୀକ୍ଷଣ ପାଇଁ ସଂପୃକ୍ତ ଦଳଗୁଡ଼ିକୁ ଅଭିନନ୍ଦନ ଜଣାଇଛନ୍ତି ।

# ନାଗ ଚୋଟରେ ଘାଇଲା ଅମରେଶ ?

**ଭୁବନେଶ୍ୱର, (ରିପୋର୍ଟର୍ସ ପେନ୍):** ବିଜେଡି କର୍ପୋରେଟର ଅମରେଶ ଜେନା ଓରଫ ବାଇଁଆଙ୍କୁ ପୋଲିସ ଗିରଫ କରିଛି । ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ଓ ପ୍ରତାରଣ କରିବା ଅଭିଯୋଗରେ ପୋଲିସ ତାଙ୍କୁ ଗିରଫ କରିଛି । ଗିରଫ ହେବା ପରେ ବିଜେଡିରୁ ତାଙ୍କୁ ନିଲମ୍ବନ କରାଯାଇଛି । ତେବେ ଅର୍ଚ୍ଚନା ନାଗ ତାଙ୍କୁ ଫସାଇ ଦେଇଥିବା ବାଇଁଆ କହିଛନ୍ତି ।



ଯୁବତୀଙ୍କ ଅଭିଯୋଗ ଅନୁସାରେ, ୨୦୨୩ ମସିହାରେ ଏକ ରଜ ଉତ୍ସବ କାର୍ଯ୍ୟକ୍ରମରେ ତାଙ୍କର କର୍ପୋରେଟର ଅମରେଶ ଜେନାଙ୍କ ସହ ସାକ୍ଷାତ ହୋଇଥିଲା । ସେତେବେଳେ ସେ ନାବାଳିକା ଥିଲେ । ସେହିଠାରୁ ଉଭୟଙ୍କ ମଧ୍ୟରେ ସଂପର୍କ ବଢିଥିଲା । ଏହା ପରେ ଉଭୟ ନିକଟତର ହୋଇଥିଲେ । କିନ୍ତୁ ଗତ ଏପ୍ରିଲ୍ ମାସରେ ଅମରେଶ ଯୁବତୀଙ୍କୁ ଦୁରେଇ ଯିବାକୁ କହିଥିଲେ । ଉଭୟଙ୍କ ଭିତରେ ଥିବା ସଂପର୍କ ବିଷୟରେ କାହାରିକୁ କହିଲେ ଜୀବନରୁ ମାରିଦେବେ ବୋଲି ଧମକ ଦେଇଥିଲେ । ଯାହାକୁ ନେଇ ଯୁବତୀ ଜଣକ ଥାନାରେ ଅଭିଯୋଗ କରିଛନ୍ତି । ଏଥିସହ କାର୍ଯ୍ୟାନୁଷ୍ଠାନ ନ ହେଲେ ଆତ୍ମାହୁତି ଦେବି ବୋଲି ପୀଡିତା ଏତଲାରେ ଲେଖିଛନ୍ତି ।

ଏହାପର ପୋଲିସ ଘଟଣାର ଖୋଳତାଡ ଆରମ୍ଭ କରିଥିଲା । ଗିରଫଦାରୀ ଭୟରେ ବାଇଁଆ ଫେରାର ହୋଇଯାଇଥିଲେ । ପୋଲିସ ବାଇଁଆଙ୍କୁ ଖୋଜୁଥିବା ବେଳେ ଗତକାଲି ତାଙ୍କର ୫ ସହଯୋଗୀଙ୍କୁ ଗିରଫ କରିଥିଲା । ସେମାନେ ବାଇଁଆଙ୍କୁ ଫେରାର କରିବାରେ ସହଯୋଗ କରିଥିଲେ । ପରେ ତାଙ୍କ ଠାରୁ ତଥ୍ୟ ସଂଗ୍ରହ କରି ଆଜି ବାଲେଶ୍ୱର ନୀଳଗିରିରୁ ଗିରଫ କରିଥିଲା । ସନ୍ଧ୍ୟାରେ ତାଙ୍କୁ କୋର୍ଟରେ ହାଜର କରାଯାଇଥିଲା । ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଝାରପଡା ଜେଲକୁ ପଠାଇ ଦିଆଯାଇଛି ।

ମେଡିକାଲ ଯା□ ପାଇଁ ଯାଇଥିବା ବେଳେ ବାଇଁଆ ଗଣମାଧ୍ୟମକୁ କହିଛନ୍ତି, ତାଙ୍କୁ ଅର୍ଚ୍ଚନା ନାଗ ଫସାଇ ଦେଇଛନ୍ତି । କୋର୍ଟ ଉପରେ ତାଙ୍କର ଭରସା ଅଛି । ଖୁବଶୀଘ୍ର ସତ୍ୟ ପଦାକୁ ଆସିବ । ସେପଟେ ଅର୍ଚ୍ଚନା ଏକ ଭିଡ଼ିଓ ବାର୍ତ୍ତାରେ କହିଛନ୍ତି, ଅମରେଶ ତାଙ୍କ କଲାକର୍ମର ଫଳ ପାଉଛନ୍ତି । ଯେଉଁ ଝିଅ ତାଙ୍କ ବିରୋଧରେ ଅଭିଯୋଗ କରିଛନ୍ତି, ସେ ତାଙ୍କୁ ଜାଣିନାହାନ୍ତି ।

ଏନେଇ ଅମରେଶଙ୍କ ପତ୍ନୀ କହିଛନ୍ତି, ମୋ ସ୍ୱାମୀ ରାଜନୈତିକ ଷଡଯନ୍ତ୍ରର ଶୀକାର ହୋଇଛନ୍ତି । ଜଣେ ବିଧାୟକ ତାଙ୍କୁ ଫସାଇ ବଦନାମ କରିବାକୁ ଚେଷ୍ଟା କରୁଛନ୍ତି । ଆମେ ପୂର୍ବରୁ ଅର୍ଚ୍ଚନା ନାଗ ଓ ଅନ୍ୟ କେତେଜଣଙ୍କ ନାଁରେ ଏତଲା ଦେଇଥିଲୁ । ଯାହାର ପରିଣାମ ସ୍ୱରୂପ ଏଭଳି ଘଟଣା ଘଟିଲା ।

ଉଲ୍ଲେଖଥାଉ କି, କିଛିଦିନ ତଳେ ଅର୍ଚ୍ଚନା ଏକ ସାମ୍ବାଦିକ ସମ୍ମିଳନୀ କରି କହିଥିଲେ ଯେ, ବିଜେଡି ଶାସନକାଳରେ ତାଙ୍କୁ ମିଛ କେସରେ ଗିରଫ କରାଯିବା ପଛରେ ବିଜେଡି ନେତା ବବି ଦାସଙ୍କ ସମେତ ଅମରେଶ ଜେନା, ମାନସ ମଙ୍ଗରାଜ ଏବଂ ତତ୍କାଳୀନ ଡିସିପି ପ୍ରତୀକ ସିଂ, ଏସିପି ପ୍ରକାଶ ପାଲ, ହିମାଂଶୁ ସ୍ୱାଇଁ ଓ ଅନୁପ କାନୁନଗୋଙ୍କ ସଂପୃକ୍ତି ରହିଛି । ତାଙ୍କୁ ୨୦୨୨ ଅକ୍ଟୋବର ୪ ତାରିଖରୁ ଗୃହବନ୍ଦୀ କରାଯାଇଥିଲା ଓ ବାଲିଅନ୍ତା ଥାନାରେ ଅଟକ ରଖାଯାଇଥିଲେ ମଧ୍ୟ ଅକ୍ଟୋବର ୬ ତାରିଖରେ ଗିରଫ ଦର୍ଶାଯାଇଥିଲା । ତା'ଛଡ଼ା ତାଙ୍କ ବିରୁଦ୍ଧରେ କ'ଣ ଅଭିଯୋଗ ରହିଛି ଓ କିଏ ଅଭିଯୋଗ କରିଛି ତାହା ମଧ୍ୟ ସେ ଅକ୍ଟୋବର ୧୦ତାରିଖରେ ଜାଣିବାକୁ ପାଇଥିଲେ ।

ଏପରିକି ଜେଲ ଭିତରେ ପୁଲିସ ଟଙ୍କା ଦେଇ ଜେଲ କର୍ମଚାରୀଙ୍କୁ କିଣିଥିବା ଅଭିଯୋଗ କରିବା ସହ ତାଙ୍କୁ ଜେଲରେ ନିର୍ଯାତନା ଦିଆଯାଉଥିଲା । ଖାଦ୍ୟରେ ନିଶା ଔଷଧ ମିଶାଇ ଦିଆଯାଉଥିଲା । ଏପରିକି ତାଙ୍କୁ ପାଗଳୀ ବୋଲି ସ୍ୱୀକାର କରିବାକୁ ବାଧ୍ୟ କରାଯାଇଥିଲା । ରାଜ୍ୟ ଛାଡ଼ି ଚାଲିଯିବାକୁ ଚାପ ପକାଯାଇଥିଲା । ତାଙ୍କ ଘରର ସିସିଟିଭି ଫୁଟେଜର ହାର୍ଡ ଡିସ୍କ ଭାଙ୍ଗି ଦିଆଯାଇଥିବା ଅଭିଯୋଗ ମଧ୍ୟ ସେ କରିଥିଲେ । ଏହାର ପ୍ରତିଶୋଧ ନେବେ ବୋଲି ଚେତାବନୀ ଦେଇଥିଲେ ।

## ଫଟୋ ଭାଇରାଲ କରି ଜଣେ ଗିରଫ

**ଭୁବନେଶ୍ୱର (ନିପ୍ର):** ଯୁବତୀଙ୍କ ଅଶ୍ଳୀଳ ଫଟୋ ଭାଇରାଲ କରିବା ଅଭିଯୋଗରେ ସାଇବର ଥାନା ପୁଲିସ ଜଣଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଅଶୋକ ଦେହୁରୀ । ଆଜି ତାଙ୍କୁ କୋର୍ଟ ଚାଲାଣ କରାଯାଇଛି ।

ସୂଚନାଯୋଗ୍ୟ ଯେ, ଗତ ତା ୧୩.୦୫.୨୦୨୫ ରେ ଅଭିଯୋଗକାରୀଙ୍କୁ ଏକ ଅଜଣା ନମ୍ବରରୁ ଏକ ହ୍ୱାଟ୍ସଆପ୍ କଲ୍ ମିଳିଥିଲା, ଯେଉଁଥିରେ ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳି ଦିଆଯାଇଥିଲା । କଲ ଟିକୁ କାଟିବା ପରେ ତୁରନ୍ତ, ସେ ସେହି ନମ୍ବରରୁ ନିଜର କିଛି ଆପତି ଜନକ ଭିଡିଓ ଏବଂ ଫଟୋ ପାଇଥିଲେ । ଅଜଣା ପ୍ରେରକ ମଧ୍ୟ ଅନେକ ଅଶ୍ଳୀଳ ଭିଡିଓ କଲ୍ କରିଥିଲେ ଏବଂ ହ୍ୱାଟ୍ସଆପ୍ ଗ୍ରୁପରେ ତାଙ୍କର ମର୍ଫ ହୋଇଥିବା ଫଟୋ ସେୟାର କରିଥିଲେ । ପୂର୍ବରୁ ତା ୧୯.୦୫.୨୦୨୫ ରେ ଏକ ପ୍ରାଥମିକ ଅଭିଯୋଗ ଦାଖଲ କରାଯାଇଥିଲା ଏବଂ ପରବର୍ତ୍ତୀ ପ୍ରମାଣ ଆଧାରରେ, ଏହି ମାମଲା ଆନୁଷ୍ଠାନିକ ଭାବରେ ପଞ୍ଜିକୃତ ହୋଇଥିଲା ।

ତଦନ୍ତ ସମୟରେ, ମୋବାଇଲ ନମ୍ବରଟି ଅଭିଯୁକ୍ତ ଅଶୋକ ଦେହୁରୀଙ୍କ ନାମରେ ପଞ୍ଜିକୃତ ହୋଇଥିବା ଜଣାପଡିଥିଲା । ଗତ ତା ୨୪.୦୭.୨୦୨୫ ରେ, ଅଭିଯୁକ୍ତ ଅଶୋକ ଦେହୁରୀଙ୍କୁ ପ୍ରକ୍ରିୟା ଅନୁଯାୟୀ ଗିରଫ କରାଯାଇଥିଲା ।

## ଓଏଏସ ସ୍ୱାମୀଙ୍କ ନାଁରେ ପତ୍ନୀ କଲେ ଥାନାରେ ଅଭିଯୋଗ

**ଭୁବନେଶ୍ୱର, (ରିପୋର୍ଟର୍ସ ପେନ୍):** ଓଏଏସ୍ ଅଫିସର ସାର୍ଥକ ସୌରଭ ମହାପାତ୍ରଙ୍କ ବିରୋଧରେ ପତ୍ନୀ ସାଙ୍ଘାତିକ ଅଭିଯୋଗ ଆଣିଛନ୍ତି । ବିବାହ ପରେ ଓଏଏସ୍ ଅଫିସର ହଠାତ ବଦଳି ଗଲେ । ପତ୍ନୀଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେବା ସହ ପରିବାର ସହ ମିଶି ନିଷ୍ଠୁର ଭାବେ ଅତ୍ୟାଚାର କରୁଥିଲେ । ପୁଅ ଜନ୍ମ ହେବା ପରେ ଉଭୟଙ୍କୁ ଗ୍ରହଣ କରିବାକୁ ଅମଙ୍ଗ ହୋଇଥିଲେ । ଏନେଇ ଶେଷରେ ପତ୍ନୀ ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଅଭିଯୋଗ ହେବା ପରେ ମହିଳା ଥାନା ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି ।

ଓଏଏସ୍ ଅଫିସରଙ୍କ ପତ୍ନୀ ଅର୍ଚ୍ଚନା ଦାସ ଅଭିଯୋଗ କରିଛନ୍ତି ଯେ, ଗତ ୨୦୨୧ମସିହାରେ ଉଭୟଙ୍କ ବିବାହ ହୋଇଥିଲା । ବିବାହର କିଛି ଦିନ ପରେ ସ୍ୱାମୀଙ୍କର ଆଚାର ବ୍ୟବହାରରେ ପରିବ□ନ ହୋଇଯାଇଥିଲା । ଛୋଟମୋଟ କଥାକୁ ନେଇ ଉଭୟଙ୍କ ମଧ୍ୟରେ ଫାଟ ସୃଷ୍ଟି ହେଲା । କିଛି ଦିନ ହେବ ଏନେଇ ତାଙ୍କୁ ମାନସୀକ ଚାପ ଦେବା ସହ ଶାରିରୀକ ଅତ୍ୟାଚାର ମଧ୍ୟ ଆରମ୍ଭ କରିଥିଲେ । ଏପରିକି ଅନେକ ପ୍ରକାର ଘରୋଇ ହିଂସା କାର୍ଯ୍ୟ କରିବା ସହ ତାଙ୍କର ପରିବାରର ସଦସ୍ୟ ମିଶି ତାଙ୍କୁ ଏକ ପ୍ରକାର ନିର୍ଯାତନା ଦେଉଥିଲେ ।

ଏନେଇ ଉଭୟ ସ୍ୱାମୀ ସ୍ତ୍ରୀ ମଧ୍ୟ ଏହି ନିର୍ଯାତନା ନେଇ ଆପୋଷ ବୁଝାମଣା ପାଇଁ ଚେଷ୍ଟା କରିଥିଲେ । ଗତ ମେ ମାସରେ ତାଙ୍କର ଶିଶୁପୁତ୍ର ଜନ୍ମ ହେବା ପରେ ସ୍ୱାମୀ ନବଜାତକୁ ଗ୍ରହଣ କରିବାକୁ ନାରାଜ ହେଲେ । ସ୍ୱାମୀ ନବଜାତ ଶିଶୁ ପ୍ରତି ନିଷ୍ଠୁରତା, ଦାୟିତ୍ୱ ଇଚ୍ଛାକୃତ ଭାବରେ ଅବହେଳା କରିବା ସହ ପରିତ୍ୟାଗ କରିବା ଓ ମାନସିକ ନିର୍ଯାତନା ଦେବା ଅଭିଯୋଗ କରିଛନ୍ତି ।


ଓଏଏସ ସାର୍ଥକ ସୌରଭ ମହାପାତ୍ର ଓସଦମା କାର୍ଯ୍ୟରତରେ କାର୍ଯ୍ୟରତ ଅଛନ୍ତି । ଅଭିଯୋଗ ଆଣିଥିବା ତାଙ୍କ ପତ୍ନୀ ମଧ୍ୟ ଜଣେ ସରକାରୀ କର୍ମଚାରୀ ସେ ମଧ୍ୟ ପାନୀୟ ଜଳ ବିଭାଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବରେ କାର୍ଯ୍ୟ କରନ୍ତି । ଉଭୟଙ୍କ ଘର ଭୁବନେଶ୍ୱର । ପରିବାରର ସହମତିରେ ଉଭୟଙ୍କ ବାହାଘର ହୋଇଥିଲା ।

ପତ୍ନୀ ଅର୍ଚ୍ଚନା ଦାସ କହିଛନ୍ତି, 'ମେ ୭ରେ ହସ୍ପିଟାଲରରେ ଶିଶୁପୁତ୍ର ଜନ୍ମ ହୋଇଥିଲା । ନବଜାତ ପୁଅକୁ ସ୍ୱାମୀ ସାର୍ଥକ ଗ୍ରହଣ କରୁନାହାନ୍ତି । ହସ୍ପିଟାଲ ବେଡ଼ରେ ନବଜାତ ଶିଶୁ ଓ ସ୍ତ୍ରୀ କୁ ଛାଡି ଚାଲିଯାଇଥିଲେ । ହସ୍ପିଟାଲରୁ ନିଜେ ମୋତେ ଡିସ୍ଚାର୍ଜ ହୋଇ ଘରକୁ ଆସିବାକୁ ପଡିଥିଲା । ଶିଶୁ ଜନ୍ମହେବାର ୩ ମାସ ହୋଇଯାଇଥିଲେ ମଧ୍ୟ ଦେଖା କରୁନଥିବା ସହ କୌଣସି ସହଯୋଗ କରୁନାହାନ୍ତି ।'

ମହିଳା ଥାନା ପୋଲିସ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରିଛି । ବିଏନଏସର ଧାରା ୮୫,୩୫୧(୨),୩(୫) ରେ ରୁଜୁ କରି ତଦନ୍ତ ଚଳାଇଛି । ସେପଟେ ଅଭିଯୋଗ ଆସିଥିବା ଓଏଏସ ଅଧିକାରୀଙ୍କ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ ।

## ଭିଜିଲାନ୍ସ ଜାଲରେ ଫସିଲେ ସହାୟକ ଯନ୍ତ୍ରୀ ଜେନା ଓ ପଣ୍ଡା

**ଭୁବନେଶ୍ୱର, (ରିପୋର୍ଟର୍ସ ପେନ୍):** ଯନ୍ତ୍ରୀ ମହଲରେ ରାଙ୍ଗା-ବିଲ୍ଲା ନାଁରେ ପରିଚିତ ପଣ୍ଡାବାବୁ ଓ ଜେନାବାବୁ ଶେଷରେ ଭିଜିଲାନ୍ସ ଜାଲରେ ଫଶିଛନ୍ତି । ଆରଆଣ୍ଡବି ଡିଭିଜନ-୩ର ସହାୟକ ଯନ୍ତ୍ରୀ ରାଜ କିଶୋର ଜେନାଙ୍କୁ ଭିଜିଲାନ୍ସ ଗିରଫ କରିଥିବା ବେଳେ ଅଶୋକ ପଣ୍ଡାଙ୍କ ଘରେ ଖାନତଲାସୀ ଜାରି ରହିଛି । ଆୟବର୍ହିଭୂତ ସମ୍ପତ୍ତି ଠୁଳ ମାମଲାରେ ଦୁଇଦିନ ଧରି ଚଢାଉ କରିବା ପରେ ଭିଜିଲାନ୍ସ ବୁଧବାର ତାଙ୍କୁ ଗିରଫ କରିଛି । ଭିଜିଲାନ୍ସ ଠାବ କରିଥିବା ସମ୍ପତିର ୩୧୭ ପ୍ରତିଶତ ଆୟବର୍ହିଭୂତ ବୋଲି ଭିଜିଲାନ୍ସ ଜାଣିବାକୁ ପାଇଛି । ସେହିପରି ତାଙ୍କର ସହଯୋଗୀ ସହାୟକ ଯନ୍ତ୍ରୀ ଅଶୋକ ପଣ୍ଡାଙ୍କ ଘରେ ମଧ୍ଧ ଭିଜିଲାନ୍ସ ଚଢାଉ କରିଛି ।




ଭିଜିଲାନ୍ସ ସୂଚନା ଅନୁସାରେ, ସହକାରୀ ଯନ୍ତ୍ରୀ ରାଜକିଶୋର ଜେନା ବିପୁଳ ପରିମାଣର ବେଆଇନ ସମ୍ପତି ଠୁଳ କରିଥିବା ନେଇ ଅଭିଯୋଗ ହୋଇଥିଲା । ଉକ୍ତ ଅଭିଯୋଗକୁ ଆଧାର କରି ଭିଜିଲାନ୍ସ ତାଙ୍କ ଉପରେ ନଜର ରଖିଥିଲା । ତେବେ ଭୁବନେଶ୍ୱର ସ୍ୱତନ୍ତ୍ର ବିଚାରପତି, ଭିଜିଲାନ୍ସଙ୍କ ଦ୍ୱାରା ଜାରି କରାଯାଇଥିବା ସର୍ଚ୍ଚ ୱାରେଂଟ ବଳରେ ମଙ୍ଗଳବାର ତାଙ୍କ ଘର ଉପରେ ଚଢାଉ କରାଯାଇଥିଲା । ନୟାଗଡ ସ୍ଥିତ ତାଙ୍କ ପୈତୃକ ଘର ସମେତ ଭିଜିଲାନ୍ସ ୧୦ଟି ସ୍ଥାନରେ ଚଢାଉ କରିଥିଲା ।

ଚଢାଉ ବେଳେ ନିଳାଦ୍ରୀ ବିହାରରେ ଏକ ମଲଟି-ଷ୍ଟୋରେଜ ବିଲ୍ଡିଂ, କସ୍ତୋପଲିରେ ୨ଟି ଫ୍ଲାଟ, ଗ୍ୟାଲେରିଆ ଓ ସିମ୍ଫୋନୀ ମଲ୍ଲରେ ୨ଟି ବ୍ୟବସାୟିକ ଆଉଟଲେଟ, ୧୩ଟି ମୂଲ୍ୟବାନର ଜମି, ୭୫ ଲକ୍ଷ ଟଙ୍କା ଡିପୋଜିଟ, ୬୭ ଲକ୍ଷ ଟଙ୍କା ପିଲାମାନଙ୍କ ପାଠପଢା ଖର୍ଚ୍ଚ ଆଦିର ହିସାବ ମିଳିଛି । ଆୟବର୍ହିଭୂତ ସମ୍ପତିର ସନ୍ଧାନ ମିଳିବା ପରେ ଭିଜିଲାନ୍ସ ତାଙ୍କ ବିରୋଧରେ ଏକ ମାମଲା ରୁଜୁ କରିଥିଲା ।

ଶ୍ରୀଜେନାଙ୍କର ସମ୍ପତି ଖୋଲତାଡ କରୁଥିବା ବେଳେ ତାଙ୍କ ସହଯୋଗୀ ସହକାରୀ ଯନ୍ତ୍ରୀ ଅଶୋକ ପଣ୍ଡା ସହ ମିଶି ଏକାଧିକ ଘର ଓ ଫ୍ଲାଟ କିଣିଥିବା ଭିଜିଲାନ୍ସ ଜାଣିବାକୁ ପାଇଥିଲା । ପରେ ଅଶୋକ ପଣ୍ଡାଙ୍କ ଘରେ ଖାନତଲାସୀ କରିବାକୁ ଭିଜିଲାନ୍ସ ଟିମ ଯାଇଥିଲା । ଶ୍ରୀପଣ୍ଡା ସୂଚନା ପାଇ ଘର ଭିତରେ ତାଲା ପକାଇ ଲୁଚି ରହିଥିଲେ । ହେଲେ ଭିଜିଲାନ୍ସ ଟିମ ତାଙ୍କ ଘର ଆଗରେ ଜଗି ରହିଥିଲା । ପରେ ଘର ସିଲ୍ କରିବାକୁ ଭିଜିଲାନ୍ସ ଉଦ୍ୟମ କରିବା ବେଳେ ସେ କବାଟ ଖୋଲିଥିଲେ । ହେଲେ ଏକ ବ୍ୟାଗରେ ଏକଲକ୍ଷ ଟଙ୍କା, ଜମିଜମା କାଗଜପତ୍ର, ୬୦ ଗ୍ରାମର ସୁନା, ୧୦ଗ୍ରାମର ରୂପା ଗହଣା, ଆଇଫୋନ, ଗାଡି ଚାବି ଆଦି ବାହାରକୁ ଫିଙ୍ଗି ଦେଇଥିଲେ । ଭିଜିଲାନ୍ସ ତାକୁ ଜବତ କରିଛି । ଚଢାଉ ବେଳେ ଭିଜିଲାନ୍ସ ତାଙ୍କର ଏକାଧିକ କୋଠା, ଜମି ଓ ଫ୍ଲାଟ ଠାବ କରିଛି । ଖାନତଲାସୀ ଜାରି ରହିଥିବା ବେଳେ ଆଗକୁ ସମ୍ପତିର ତାଲିକା ବଢିବା ସମ୍ଭାବନା ରହିଛି ।

ଭିଜିଲାନ୍ସ ସୂଚନା ଅନୁସାରେ, ଦୁଇଟି ବହୁତଳ ଘର, ୭ଟା ଫ୍ଲାଟ, ୪ଟି ବ୍ୟବସାୟୀକ ଘର, ୯ଟି ପ୍ଲଟ ଓ ସୁନା-ରୂପା ଗହଣା ଠାବ ହୋଇଛି । ବିଶେଷ କରି ତୁମୁଡୁମାରେ ଏକ ୪ମହଲା କୋଠା, ତୁମୁଡୁମା ହାଉସିଂବୋର୍ଡରେ ଏକ ଘର, କସ୍ତୋପଲ୍ଲୀ ଆପାର୍ଟମେଂଟରେ ୪ବଖରା ବିଶିଷ୍ଟ ଫ୍ଲାଟ, ୩ଟି ଦୋକାନ ଘର (ସିଂଫୋନି ମଲ ଓ ଉତ୍କଳ କଣିକା), ୮ଟି ମୂଲ୍ୟବାନ ପ୍ଲଟ, ୧ଲକ୍ଷ ୩୩ ହଜାର ୫୨୦ ଟଙ୍କା, ୧୨୫ ଗ୍ରାମ ସୁନା, ୧୧୭ ଗ୍ରାମ ରୂପା, ୩୭.୯୭ ଲକ୍ଷ ବ୍ୟାଙ୍କ ଜମା, ୨୧ ଲକ୍ଷ ଟଙ୍କାର ଗୃହ ଉପକରଣ ଓ ଗୋଟିଏ ୪ ଚକିଆ ଗାଡି ରହିଛି ।

ସେହିପରି ତାଙ୍କ ପରିବାର ଲୋକଙ୍କ ନାଁରେ ଜଟଣୀରେ ଏକ ଫ୍ଲାଟ, ସାଇବର ସିଟିରେ ଦୋକାନ ଘର, ଗ୍ରେସ ଆପାର୍ଟମେଂଟରେ ଏକ ଫ୍ଲାଟ, ଫୁଲ ନଖରାରେ ଏକ ଫ୍ଲାଟ, ପାହାଳରେ ଏକ ଫ୍ଲାଟ, ବିପୁଳ ଗାର୍ଡେନରେ ଏକ ଫ୍ଲାଟ, କସ୍ତୋପଲୀରେ ଏକ ବେନାମୀ ଫ୍ଲାଟ, ଆଠଗଡରେ ଏକ ପ୍ଲଟ ରହିଛି । ଭିଜିଲାନ୍ସ ଏସବୁ ସମ୍ପତ୍ତିକୁ ତର୍ଜମା କରିବା ସହ ଅଧିକ ଖୋଲତାଡ ଚଳାଇଛି ।

ରିପୋର୍ଟର୍ସ ପେନ
Reporters Pen
ଅଗଷ୍ଟ ୧-୧୫- ୨୦୨୫

## ସମ୍ପାଦକଙ୍କ କଲମରୁ...

# ତଦନ୍ତର ଦିଗ କୁଆଡେ ?

ବାଲେଶ୍ୱର ଛାତ୍ରୀ ଆତ୍ମାହୂତି ଗୋଟିଏ ପ୍ରସଂଗ ହୋଇଥିବା ବେଳେ ତଦନ୍ତ କିନ୍ତୁ ଅନେକ । କେଉଁ ତଦନ୍ତର ଦିଗ କୁଆଡ଼େ ଯିବ ଏବଂ ବିଭିନ୍ନ ତଦନ୍ତ ରିପୋର୍ଟରେ ବିରୋଧାତ୍ମକ ତଥ୍ୟ ଆସିଲେ ଅଭିଯୁକ୍ତଙ୍କୁ ତାହା ସୁହାଇବ କି ନାହିଁ ସେଥିଘେନି ସାଧାରଣ ଲୋକଙ୍କ ଠାରୁ ଆଇନ୍ ବିଶାରଦମାନେ ପ୍ରଶ୍ନ ଉଠାଉଛନ୍ତି । ବାଲେଶ୍ୱର ଦୁର୍ଘଟଣାରେ କୁହାଯାଉଛି, ପ୍ରସଂଗ ଏକ- ତଦନ୍ତ ଅନେକ । ଏହି ଅପରାଧିକ ଘଟଣା ସଂପର୍କରେ ଆତ୍ମାହୂତି ଦେବା ପୂର୍ବରୁ ଫକୀର ମୋହନ ସ୍ୱୟଂଶାସିତ କଲେଜ୍‌ର ଛାତ୍ରୀ ସୌମ୍ୟାଶ୍ରୀ ପୋଲିସ ନିକଟରେ ଗୁହାରି କରିଥିଲେ । ପୋଲିସ ସେ ସମୟରେ କ'ଣ ତଦନ୍ତ କରିଥିଲା କି ନାହିଁ ତାହା ଏକ ପ୍ରଶ୍ନବାଚୀ ।

ପୋଲିସ କାର୍ଯ୍ୟାନୁଷ୍ଠାନ ଦାବି କରି ଉଚ୍ଚ ପଦାଧିକାରୀଙ୍କ ନିକଟରେ ମଧ୍ୟ ବିକ୍ଷୋଭ କରାଯାଇଥିଲା । ଏହାର କ'ଣ ଫଳାଫଳ ହେଲା ଜଣାନାହିଁ । ଏବେ ଛାତ୍ରୀଙ୍କ ମୃତ୍ୟୁ ପରେ ମାମଲାର ତଦନ୍ତ ଭାର କ୍ରାଇମ୍‌ବ୍ରାଂଚକୁ ଦିଆଯାଇଛି ଏବଂ କ୍ରାଇମ୍‌ବ୍ରାଂଚର ଅଭିଜ୍ଞ ଅଧିକାରୀମାନେ ମଧ୍ୟ ତଦନ୍ତକୁ ଜୋରଦାର କରୁଛନ୍ତି । ତେବେ ଏହି ସମ୍ବେଦନଶୀଳ ଆତ୍ମାହୂତି ଘଟଣାରେ ତଦନ୍ତ ଭାର ସିବିଆଇକୁ ଦେବା ଏବଂ ଆଇନ୍ ଅଦାଲତ ଏହାର ତଦାରଖ କରିବା ପାଇଁ ଦାବି ହେଉଥିବା ବେଳେ ଏହି ପ୍ରସଂଗର ବିଚାର ବିଭାଗୀୟ ତଦନ୍ତ ହାଇକୋର୍ଟର କାର୍ଯ୍ୟକାରୀ ବିଚାରପତିଙ୍କ ଦ୍ୱାରା କରାଇବା ଲାଗି ମଧ୍ୟ ବିଭିନ୍ନ ମହଲରୁ ମତ ପ୍ରକାଶ ପାଉଛି ।

ଏହି ଘଟଣା ସଂପର୍କରେ କଲେଜ୍‌ର ଅଧ୍ୟକ୍ଷ, ସ୍ଥାନୀୟ ବିଧାୟକ ଓ ସାଂସଦ, ଉଚ୍ଚଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଆଦିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା । ସେମାନଙ୍କ ମଧ୍ୟରୁ କିଏ ଏ ପ୍ରସଂଗରେ କି ପଦକ୍ଷେପ ନେଇଛନ୍ତି ତାହା ଜଣାପଡୁନଥିବାରୁ ଏସବୁକୁ ବି ତଦନ୍ତ ପରିସରଭୁକ୍ତ କରିବା ଲାଗି ଦାବି ହେଉଛି । ଓଡ଼ିଶାରେ ମହିଳା କମିଶନ ଅଚଳ ହୋଇ ପଡିଥିବାବେଳେ ଜାତୀୟ ମହିଳା କମିଶନ ଏହି ବ୍ୟାପାରରେ ଓଡ଼ିଶା ସରକାରଙ୍କୁ ନୋଟିସ କରିଛନ୍ତି । ଜାତୀୟ ମହିଳା କମିଶନଙ୍କ ରିପୋର୍ଟ ଉପରେ ବି ଲୋକଙ୍କ ନଜର ରହିଛି ।

ବିଳମ୍ବରେ ହେଲେ ମଧ୍ୟ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଢ଼ାଯାଇ କଲେଜ୍ କର୍ତ୍ତୃପକ୍ଷ ଯେଉଁ ତଦନ୍ତ କରିଥିଲେ ତାହାର ରିପୋର୍ଟକୁ ସାଂସଦ 'ସୀମର ଚାଳିଶା' କହି ତାଚ୍ଛଲ୍ୟ କରିଛନ୍ତି । ଏହି କମିଟି ଅଭିଯୁକ୍ତ ଅଧ୍ୟାପକଙ୍କୁ ବିଭାଗୀୟ ମୁଖ୍ୟ ଦାୟିତ୍ୱରୁ ହଟାଇବା ପାଇଁ ବିଳମ୍ବରେ ସୁପାରିସ କରିଥିବାବେଳେ ତାହା କାହିଁକି କାର୍ଯ୍ୟକାରୀ କରାନଗଲା ଏବଂ ଉପସ୍ଥାନ କମ୍ ଥିବା କାରଣରୁ ୯ଜଣ ଛାତ୍ରଛାତ୍ରୀଙ୍କ ନାମ ନୋଟିସ ବୋର୍ଡରେ ପ୍ରକାଶ ପାଇଥିବାବେଳେ ୮ଜଣଙ୍କୁ ପରୀକ୍ଷା ଦେବା ପାଇଁ ସୁଯୋଗ ଦିଆଯାଇ କାହିଁକି ସୌମ୍ୟାଶ୍ରୀଙ୍କ ପ୍ରତି ପାତରଅନ୍ତର ହେଲା ସେ ସଂକ୍ରାନ୍ତରେ ତଦନ୍ତ ରିପୋର୍ଟ କହିବ ।

ଆତ୍ମାହୂତି ଘଟଣା ପରେ ଓଡ଼ିଶା ସରକାର ଉଚ୍ଚଶିକ୍ଷା ନିର୍ଦ୍ଦେଶକଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ତଦନ୍ତ କମିଟି ଗଠନ କରିଛନ୍ତି । ଯେଉଁଥିରେ ଜଣେ ବିଭାଗୀୟ ବରିଷ୍ଠ ଅଧିକାରୀ ଓ ବିଜେବି କଲେଜର ଅଧ୍ୟକ୍ଷା ସଦସ୍ୟା ଅଛନ୍ତି । ଏହି କମିଟିର ରିପୋର୍ଟ ଆସିବା ପୂର୍ବରୁ କେନ୍ଦ୍ର ସରକାରଙ୍କ ବିଶ୍ୱବିଦ୍ୟାଳୟ ଆନୁଦାନ ଆୟୋଗ ଅନ୍ୟ ଏକ କମିଟି ଗଠନ କରିଛି ଏବଂ ଉକ୍ତ କମିଟି ମଧ୍ୟ ବାଲେଶ୍ୱରରେ ପହଞ୍ଚ ସରଜମିନ ତଦନ୍ତ କରୁଛି । ୟୁଜିସି ଓ ରାଜ୍ୟ ସରକାର ଦୁଇଟି ସମାନ୍ତରାଳ କମିଟି ଗଢ଼ିଥିବାବେଳେ କିଏ କ'ଣ ରିପୋର୍ଟ ଦେଉଛି ତାହା ଉପରେ ବି ନଜର ଅଛି ।

ଏହାଛଡ଼ା ସଂପୃକ୍ତ ଅଧ୍ୟାପକଙ୍କ ବିରୋଧରେ ଫୌଜଦାରୀ କାର୍ଯ୍ୟାନୁଷ୍ଠାନ ସହ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଆରମ୍ଭ ହେବାର ସମ୍ଭାବନା ରହିଛି । ଏହି ଉଭୟ ଘଟଣାରେ କାହାର ତଦନ୍ତ କେଉଁ ଦିଗକୁ ଯିବ ତାହା ମଧ୍ୟ ଏବେଠାରୁ କହିବା ମୁସ୍‌କିଲ୍ । ପ୍ରସଂଗ ଏକ ଓ ତଦନ୍ତ ଅନେକ ହୋଇଥିବାରୁ ବିଭିନ୍ନ ରିର୍ପୋଟ ମଧ୍ୟରେ ତାଳମେଳ ନରହିଲେ ତାହା ଅଭିଯୁକ୍ତଙ୍କୁ ସୁହାଇପାରେ ବୋଲି ଆଇନ୍ ବିଶେଷଜ୍ଞ ଓ ଅବସରପ୍ରାପ୍ତ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ କହୁଛନ୍ତି ।

# ଶିକ୍ଷା ଓ ଅନୁସନ୍ଧାନ : ଗୁଣାତ୍ମକ ଶିକ୍ଷା, ଗବେଷଣା ଓ ସ୍ୱାସ୍ଥ୍ୟ ସେବାର ଉତ୍କର୍ଷ କେନ୍ଦ୍ର

**ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ**

ଗୁଣାତ୍ମକ ଉଚ୍ଚଶିକ୍ଷା ଓ ଉତମ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦେଶରେ ଅଗ୍ରଣୀ ଭୂମିକା ନେଇଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ୧୯ ବର୍ଷରେ ପଦାର୍ପଣ କରିଛି । ଉତ୍କୃଷ୍ଟ ବୃତିଗତ ଉଚ୍ଚଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନର ଉତ୍କର୍ଷ କେନ୍ଦ୍ର ଭାବେ ନିଜକୁ ଗଢ଼ି ତୋଳିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ରହିଛି ଦୀର୍ଘ ୩ ଦଶନ୍ଧିର ସମୃଦ୍ଧ ପରମ୍ପରା । ୧୯୯୬ ମସିହାରେ ଏକ ନମ୍ର ପ୍ରୟାସରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଆଜି ଏକ ଉତ୍କୃଷ୍ଟ ବିଶ୍ୱବିଦ୍ୟାଳୟ ଭାବେ ନିଜକୁ ପ୍ରତିଷ୍ଠା କରିପାରିଛି । ଗୁଣାତ୍ମକ ଶିକ୍ଷା ଓ ଅଭିନବ ଗବେଷଣା ଉପରେ ଅଧିକ ଗୁରୁତ୍ୱ ଦେଇ ସୋଆ ସମାଜର ହିତ ନିମନ୍ତେ ଅବିରତ କାର୍ଯ୍ୟ କରି ଚାଲିଛି ।

ସୋଆ ୨୦୦୭ ମସିହା ଜୁଲାଇ ୧୭ ତାରିଖରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଡିମ୍‌ଡ ଟୁ ବି ୟୁନିଭର୍ସିଟିର ମାନ୍ୟତା ପାଇଥିଲା । ୧୯୯୬ ମସିହାରେ ଏକ ଇଂଜିନିୟରିଂ କଲେଜର ସ୍ଥାପନାରୁ ସୋଆର ଯାତ୍ରା ଆରମ୍ଭ ହୋଇଥିଲା । ଆଜି ଏହି କଲେଜ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ନାମରେ ବିଖ୍ୟାତ ।

ସୋଆରେ ପ୍ରାୟ ୧୮ ହଜାରରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଥିବା ବେଳେ ସେମାନଙ୍କ ମଧରେ ୩୦ଟି ଦେଶରୁ ପ୍ରାୟ ୪୦୦ ବିଦେଶୀ ଛାତ୍ରଛାତ୍ରୀ ଅର୍ନ୍ତଭୁକ୍ତ ଯେଉଁମାନେ ନିଜର ଭବିଷ୍ୟତ ଗଢିବା ପାଇଁ ସୋଆକୁ ଚୟନ କରିଛନ୍ତି । ସେହିପରି ସୋଆରେ ୧୨ ହଜାରରୁ ଉର୍ଦ୍ଧ୍ୱ ଅଧାପକ, ଅଧାପିକା ଓ କର୍ମଚାରୀ କାର୍ଯ୍ୟରତ ଅଛନ୍ତି ।

ନାରୀ ଶିକ୍ଷା ଓ ମହିଳା ସଶକ୍ତିକରଣକୁ ଅଧିକ ମହତ୍ୱ ଓ ଗୁରୁତ୍ୱ ଦେଉଥିବା ସୋଆର ଛାତ୍ରଛାତ୍ରୀ ମାନଙ୍କ ମଧରେ ୫୨ ପ୍ରତିଶତରୁ ଅଧିକ ହେଉଛନ୍ତି ଛାତ୍ରୀ ଏବଂ କର୍ମଚାରୀଙ୍କ ମଧରେ ୪୨ ପ୍ରତିଶତରୁ ଅଧିକ ମହିଳା କାର୍ଯ୍ୟରତ ।

ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରନ ନାୟକ କେବଳ ଏହି ଶିକ୍ଷାନୁଷ୍ଠାନର ବିନ୍ଧାଣୀ ନୁହଁନ୍ତି ବରଂ ଶିକ୍ଷା କ୍ଷେତ୍ରର ଏଭଳି ଜଣେ ନେତୃସ୍ଥାନୀୟ ବ୍ୟକ୍ତିତ୍ୱ ଯିଏ କି ରାଜ୍ୟରେ ଏକ ବିଶ୍ୱସ୍ତରୀୟ ଶିକ୍ଷାକେନ୍ଦ୍ର ଗଢ଼ି ତୋଳିବାର ସ୍ୱପ୍ନ ଦେଖିଥିଲେ ।

ଛୋଟ ପଦକ୍ଷେପରୁ ଏକ ବିଶାଳ ଅନୁଷ୍ଠାନ ଗଢ଼ିବାରେ ପ୍ରଫେସର ନାୟକଙ୍କର ଯାତ୍ରା କେବଳ ପ୍ରେରଣାଦାୟୀ ନୁହେଁ ବରଂ ଆମ ସମାଜ ପାଇଁ ଏକ ବିଶାଳ ଉଦାହରଣ ସୃଷ୍ଟି କରିଛି । ଉତ୍କର୍ଷ ମାନର ଉଚ୍ଚଶିକ୍ଷା ପ୍ରଦାନ ନିମନ୍ତେ ସୋଆ ପକ୍ଷରୁ ବାରଟି ବୃତିଗତ ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଛି । ଏହି ଅନୁଷ୍ଠାନ ଗୁଡିକ ହେଲା: -

୧. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)- ସୋଆର ଫ୍ୟାକଲ୍ଟି ଅଫ୍ ଇଂଜିନିୟରିଂ ଆଣ୍ଡ ଟେକ୍‌ନୋଲୋଜି (୧୯୯୬ -୯୭ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୨. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍) - ସୋଆର ଫ୍ୟାକଲ୍ଟି ଅଫ୍ ମ୍ୟାନେଜମେଂଟ ସାଇନ୍‌ସେସ୍, (୧୯୯୭ -୯୮ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୩. ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) - ଫ୍ୟାକଲ୍ଟି ଅଫ୍ ନର୍ସିଂ (୨୦୦୪-୦୫ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଥିଲା)

୪. ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଂଟ (ଏସ୍‌ଏଚ୍‌ଏମ୍) - ଫ୍ୟାକଲ୍ଟି ଅଫ୍ ହସ୍ପିଟାଲିଟି ଆଣ୍ଡ ଟୁରିଜିମ୍ ମ୍ୟାନେଜମେଂଟ (୨୦୦୪-୦୫ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଥିଲା)

୫. ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍) - ଫ୍ୟାକଲ୍ଟି ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (୨୦୦୪-୦୫ ଶିକ୍ଷା ବର୍ଷରୁ ଆରମ୍ଭ ହୋଇଥିଲା)

୬. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଟାଂଲ୍ ସାଇନସେସ୍ (ଆଇଡିଏସ୍) - ଫ୍ୟାକଲ୍ଟି ଅଫ୍ ଡେଟାଂଲ୍ ସାଇନସେସ୍ (୨୦୦୬-୦୭ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୭. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ (ଆଇଏମଏସ୍ ଆଣ୍ଡ ଏସ୍‌ଏଚ୍) - ଫ୍ୟାକଲ୍ଟି ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ (୨୦୦୭-୦୮ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୮. ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସଏନଆଇଏଲ) - ଫ୍ୟାକଲ୍ଟି ଅଫ୍ ଲିଗାଲ୍ ଷ୍ଟଡିଜ୍ (୨୦୧୧-୧୨ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୯. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (ଆଇଏଏସ୍) - ଫ୍ୟାକଲ୍ଟି ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (୨୦୧୩-୧୪ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୧୦. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରି ସାଇନ୍‌ସେସ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରି (ଆଇଭିଏସ୍‌ଆଣ୍ଡଏଏଚ୍) - ଫ୍ୟାକଲ୍ଟି ଅଫ୍ ଭେଟେରିନାରୀ ସାଇନସେସ୍ (୨୦୨୨-୨୩ ଶିକ୍ଷା ବର୍ଷରେ ଆରମ୍ଭ ହୋଇଥିଲା)

୧୧. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨, ଫୁଲନଖରା କ୍ୟାମ୍ପସ୍, (ଆଇଏମଏସ୍ ଆଣ୍ଡ ଏସ୍‌ଏଚ୍)- ଫ୍ୟାକଲ୍ଟି ଅଫ୍ ମେଡିକାଲ୍ ସାଇନ୍‌ସେସ୍ (୨୦୨୪-୨୫ ଶିକ୍ଷା ବର୍ଷରେ ଆରମ୍ଭ ହୋଇଛି)

୧୨. ସମ୍ ନର୍ସିଂ କଲେଜ-୨ ଫୁଲନଖରା କ୍ୟାମ୍ପସ୍, (ଏସ୍‌ଏନ୍‌ସି )- ଫ୍ୟାକଲ୍ଟି ଅଫ୍ ନର୍ସିଂ (୨୦୨୪-୨୦୨୫ ଶିକ୍ଷା ବର୍ଷରେ ଆରମ୍ଭ ହୋଇଛି)

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପରିଚାଳିତ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁସନାଲ ର୍‍ୟାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆରଏଫ୍) ର୍‍ୟାଙ୍କିଙ୍ଗସ୍ ରେ ସୋଆ କ୍ରମାଗତ ଭାବେ ଦେଶର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ନିଜକୁ ସ୍ଥାନିତ କରିପାରିଛି । ୨୦୧୬ ମସିହାରୁ ଦୀର୍ଘ ୯ ବର୍ଷ ଧରି ଦେଶର ଶ୍ରେଷ୍ଠ ୨୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ନିଜ ସ୍ଥାନ ବଜାୟ ରଖିଛି ସୋଆ । ୨୦୨୪ ମସିହାରେ ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗ୍ ରେ ଦେଶର ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ସୋଆ ମାନ୍ୟତା ପାଇଛି ।

ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗସ୍ ୨୦୨୪ରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍ ) ଦେଶର ୨୬ତମ ଶ୍ରେଷ୍ଠ ଇଂଜିନିୟରିଂ କଲେଜର ମାନ୍ୟତା ପାଇଥିବାବେଳେ ଫ୍ୟାକଲ୍ଟି ଅଫ୍ ମେଡିକାଲ୍ ସାଇନସେସ୍ (ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ) ୨୧ତମ ଶ୍ରେଷ୍ଠ ମେଡିକାଲ୍ କଲେଜର ମାନ୍ୟତା ପାଇଛି ।ସୋଆର ଆଇନ ଶିକ୍ଷା ପ୍ରଦାନକାରୀ ଅନୁଷ୍ଠାନ ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସଏନଆଇଏଲ) ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗସ୍ ୨୦୨୪ରେ ଦେଶର ୯ମ ଶ୍ରେଷ୍ଠ ଲ' କଲେଜର ମାନ୍ୟତା ପାଇଛି । ସେହିପରି ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନସେସ୍ (ଆଇଡିଏସ୍ ) ଏନ୍‌ଆଇଆରଏଫ୍ ର୍‍ୟାଙ୍କିଙ୍ଗସ୍ ୨୦୨୪ରେ ୯ମ ଶ୍ରେଷ୍ଠ ଡେଂଟାଲ୍ କଲେଜ ଭାବେ ସ୍ଥାନୀତ ହୋଇଛି ।

ନ୍ୟାସନାଲ୍ ଆସେସ୍‌ମେଂଟ ଆଣ୍ଡ ଆକ୍ରେଡିଟେସନ୍ କାଉନସିଲ (ନାକ୍) ଦ୍ୱାରା ସୋଆକୁ ୨୦୨୨ରେ ସର୍ବାଧିକ ଗ୍ରେଡ୍ ଏ ++ ସହ ପୁନଃ ସ୍ୱୀକୃତି ପ୍ରଦାନ କରାଯାଇଛି । ସୋଆକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନକାରୀ ସଂସ୍ଥା କ୍ୟୁଏସ୍ ଏବଂ ଟିଏଚ୍‌ଇ ୱାର୍ଲଡ ୟୁନିଭର୍ସିଟି ର୍‍ୟାଙ୍କିଂସ୍ ଦ୍ୱାରା ମଧ ମାନ୍ୟତା ମିଳିଛି । ବିଶ୍ୱବିଦ୍ୟାଳୟର ବିଭିନ୍ନ କଲେଜ ଗୁଡିକ ଦ୍ୱାରା ୩୧ଟି ଅଣ୍ଡର ଗ୍ରାଜୁଏଟ୍ ଏବଂ ୭୯ଟି ପୋଷ୍ଟ ଗ୍ରାଜୁଏଟ୍, ୧୫ଟି ପୋଷ୍ଟ ମାଷ୍ଟର, ପିଏଚ୍‌ଡି ଓ ପୋଷ୍ଟ ଡକ୍ଟରାଲ୍ ପ୍ରୋଗ୍ରାମ୍ ପ୍ରଦାନ କରାଯାଉଛି । ଗବେଷଣାକୁ ଅଧିକ ଗୁରୁତ୍ୱ ଦେଉଥିବା ସୋଆରେ ୧୮ଟି ଗବେଷଣା କେନ୍ଦ୍ରରେ ୨୭ଟି ବିଭିନ୍ନ ବିଷୟବସ୍ତୁକୁ ନେଇ ଗବେଷଣା କରାଯାଉଛି ।

ଏଥି ସହିତ ସୋଆ ପକ୍ଷରୁ ନିକଟରେ ୪ଟି ଇଂଟର ଡିସିପ୍ଲିନାରି ଗବେଷଣା କେନ୍ଦ୍ର - ସେଂଟର ଫର୍ କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର୍, ସେଂଟର ଫର କ୍ୱାଂଟମ୍‌ସାଇନ୍ସ ଆଣ୍ଡ କ୍ୱାଂଟମ୍ ଟେକ୍ନୋଲଜି, ସେଂଟର ଫର ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲଜି ଏବଂ ସେଂଟର ଫର ନାନୋ ସାଇନ୍ସ ଆଣ୍ଡ ନାନୋ ଟେକ୍ନୋଲଜି ପରିଚାଳିତ ହେଉଛି । ଏହା ଛଡ଼ା ବାୟୋ ମେଡିକାଲ୍ ଇଂଜିନିୟରିଂ ଆଣ୍ଡ ଆପ୍ଲିକେସନ୍ସ ଉପରେ ଗବେଷଣା ନିମନ୍ତେ ଏକ କେନ୍ଦ୍ର ଆରମ୍ଭ କରାଯାଇଛି ।

ଏହାଛଡା ୬୦ଟି ବିଜ୍ଞାନାଗାର ପ୍ରତିଷ୍ଠା କରାଯାଇ ସୋଆର ବିଭିନ୍ନ କ୍ୟାମ୍ପସ୍ ରେ ଗବେଷଣା କାର୍ଯ୍ୟ ଜାରି ରହିଛି । ବିଶ୍ୱବିଦ୍ୟାଳୟର ୩୨ଜଣ ଗବେଷକଙ୍କୁ ୨୦୨୪ରେ ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ବିଶ୍ୱର ୨ ପ୍ରତିଶତ ଶ୍ରେଷ୍ଠ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ମିଳିଛି ।

ଜଟିଳ ଏବଂ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଥିବା ରୋଗୀଙ୍କ ଚିକିତ୍ସା ନିମନ୍ତେ ସୋଆର ଗବେଷକମାନେ ସାଧାରଣ ଓ ସୁଲଭ ମୂଲ୍ୟରେ ଫାର୍ମାସ୍ୟୁଟିକାଲ୍ ଫର୍ମୁଲେସନ୍ ଉଦ୍ଭାବନ କରିପାରିଛନ୍ତି । ଏହି ସଂକ୍ରାନ୍ତରେ ନିକଟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧିନସ୍ଥ ନ୍ୟାସନାଲ ରିସର୍ଚ୍ଚ ଡେଭେଲପମେଂଟ କର୍ପୋରେସନ୍ ସହିତ ଏକ ଟେକ୍ନୋଲୋଜି ଲାଇସେନ୍ସ ବୁଝାମଣା ସ୍ୱାକ୍ଷରିତ ହୋଇଛି ।

ଅଟଳ ଇନୋଭେଟିଭ ମିଶନର ଏକ ଅଙ୍ଗ ଭାବେ ଆଇଟିଇଆର କ୍ୟାମ୍ପସ୍‌ରେ ଅଟଳ ଇନ୍‌କ୍ୟୁବେସନ୍ ସେଂଟର ପ୍ରତିଷ୍ଠା କରାଯାଇଛି ଯାହାକୁ କି ଏଆଇସି - ସୋଆ ଫାଉଣ୍ଡେସନ୍ ନାମରେ ନାମିତ କରାଯାଇଛି । ଏହି କେନ୍ଦ୍ରର ଉଦ୍ଦେଶ୍ୟ ହେଉଛି ଉତ୍ପାଦ, ଗମନାଗମନ, ଶକ୍ତି, ସ୍ୱାସ୍ଥ୍ୟ, ଶିକ୍ଷା ଓ କୃଷି ଇତ୍ୟାଦି କ୍ଷେତ୍ରରେ ବିଶ୍ୱସ୍ତରୀୟ ଇନ୍‌କ୍ୟୁବେସନ୍ କେନ୍ଦ୍ର ପ୍ରତିଷ୍ଠା ନିମନ୍ତେ ପ୍ରୋତ୍ସାହିତ କରିବା । ଅଭିନବ ପ୍ରଯୁକ୍ତି ବିଦ୍ୟା ପର୍ଯ୍ୟବେସିତ ଷ୍ଟାର୍ଟ - ଅପ୍ ଗୁଡିକୁ ସହଯୋଗ ଏବଂ ପ୍ରୋତ୍ସାହିତ କରିବା ଏହି ଇନ୍‌କ୍ୟୁବେସନ୍ ସେଂଟରର ଉଦ୍ଦେଶ୍ୟ ।

ଓଡିଶା ନିମନ୍ତେ ଦ୍ରୁତ ଡାଟା ସ୍ପିଡ୍ ଓ ଲୋ - ଲାଟେନ୍‌ସି ସହିତ ଅଧିକ ମାତ୍ରାରେ ଯୋଗାଯୋଗ ସୁବିଧା ପ୍ରଦାନ କରୁଥିବା ୫ମ ଜେନେରେସନ୍ ୱାରଲେସ୍ (୫ଜି) ସର୍ଭିସ ସୋଆ କ୍ୟାମ୍ପସ୍‌ରେ ଜାନୁୟାରୀ ୫, ୨୦୨୩ରେ ଶୁଭାରମ୍ଭ କରାଯାଇଥିଲା । ଭାରତ ସରକାରଙ୍କ ପକ୍ଷରୁ ୫ଜି ଲାବ୍ ପ୍ରତିଷ୍ଠା ନିମନ୍ତେ ଚୟନ କରାଯାଇଥିବା କେନ୍ଦ୍ରମାନଙ୍କ ମଧରେ ସୋଆ ସ୍ଥାନ ପାଇଛି ।

୩୦୦୦ ଶଯ୍ୟା ବିଶିଷ୍ଟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟର ନିର୍ଭର ଯୋଗ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଅନୁଷ୍ଠାନ ଭାବେ ନିଜକୁ ପ୍ରତିପାଦିତ କରିପାରିଛି । ସମ୍ ହସ୍ପିଟାଲ ରେ ଉତମ ଅତ୍ୟାଧୁନିକ ଚିକିତ୍ସା ପଦ୍ଧତି ଓ ଜୀବନ ରକ୍ଷାକାରୀ ସରାମ ଉପଲବ୍ଧ ରହିଛି । ସୁଲଭ ମୂଲ୍ୟରେ ଏଠାରେ ରୋଗୀଙ୍କୁ ଉତମ ଚିକିତ୍ସା ପ୍ରଦାନ କରାଯାଉଛି ।

ସେହିପରି ସୋଆ ପକ୍ଷରୁ ଭୁବନେଶ୍ୱର ଠାରେ ସମ୍ ଅଲ୍ଟିମେଟ ମେଡିକେୟାର ନାମରେ ଏକ ସ୍ୱତନ୍ତ୍ର ମଲ୍ଟି ସୁପର ସ୍ପେଶିଆଲିଟି କ୍ୱାର୍ଟରନାରୀ କେୟାର ହସ୍ପିଟାଲ ୨୦୨୦ରେ ଆରମ୍ଭ କରାଯାଇଛି । ଏହା ଲୋକମାନଙ୍କୁ ଅତ୍ୟାଧୁନିକ ଓ ଉତ୍କୃଷ୍ଟ ସ୍ୱାସ୍ଥ୍ୟସେବା ପ୍ରଦାନ କରୁଛି । ଏହି ୫୭୫ ଶଯ୍ୟା ବିଶିଷ୍ଟ ହସ୍ପିଟାଲ ପୂର୍ବ ଭାରତରେ ଏକ ଉତମ ସ୍ୱାସ୍ଥ୍ୟ ପ୍ରଦାନକାରୀ ଅନୁଷ୍ଠାନ ଭାବେ ଗଢି ଉଠିଛି ।

ଉଭୟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ଓ ସମ୍ ଅଲ୍ଟିମେଟ୍ ମେଡିକେୟାରକୁ ଏନ୍‌ଏବିଏଲ୍ ଓ ଏନ୍‌ଏବିଏଚ୍ ର ମାନ୍ୟତା ମିଳିଛି ।

ସ୍ୱାସ୍ଥ୍ୟସେବାକୁ ଅଧିକ ତ୍ୱରାନିତ୍ୱ କରିବା ଲକ୍ଷ୍ୟରେ ନିକଟରେ ସୋଆ ପକ୍ଷରୁ ଭୁବନେଶ୍ୱର - କଟକ ଜାତୀୟ ରାଜପଥ ପାର୍ଶ୍ୱବର୍ତୀ ଫୁଲନଖରା ଠାରେ ୧୨୦୦ ଶଯ୍ୟା ବିଶିଷ୍ଟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ -୨ ଆରମ୍ଭ କରାଯାଇଥିବାବେଳେ ବ୍ରହ୍ମପୁର ନିକଟସ୍ଥ ଶୀତଳାପଲ୍ଲୀ ଠାରେ ୨୦୦ ଶଯ୍ୟା ବିଶିଷ୍ଟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ -୩ ପ୍ରତିଷ୍ଠା କରାଯାଇଛି ।

୨୦୨୦ ମସିହାରେ କୋଭିଡ୍ ମହାମାରୀ ସାରା ବିଶ୍ୱକୁ କବଳିତ କରିଥିବାବେଳେ ଓଡିଶା ସରକାରଙ୍କ ସହଯୋଗରେ ଏହି ପରିସ୍ଥିତିର ମୁକାବିଲା ନିମନ୍ତେ ସୋଆ ପକ୍ଷରୁ ୫ଟି କୋଭିଡ୍ ହସ୍ପିଟାଲ ରାଜ୍ୟରେ ଆରମ୍ଭ କରାଯିବା ସହ ଏହାର ଡାକ୍ତର, ନର୍ସ ଓ ପାରାମେଡିକ ଅବିରତ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଅନେକ ଜୀବନ ବଂଚାଇବାରେ ସହାୟକ ହୋଇଥିଲେ ।

ପ୍ରାୟ ୫୦୦୦ ରୁ ଉର୍ଦ୍ଧ୍ୱ ଡାକ୍ତର, ନର୍ସ ଓ ପାରାମେଡିକ୍ସ ରୋଗୀମାନଙ୍କୁ ନିରନ୍ତର ସେବା ଓ ଯତ୍ନ ଦେଇ ସୁସ୍ଥ କରିବାରେ ସକ୍ଷମ ହୋଇଥିଲେ । ପ୍ରାୟ ୨୬୦୦୦ ରୁ ଉର୍ଦ୍ଧ୍ୱ ଶଯ୍ୟାରେ ରାଜ୍ୟର କୋଭିଡ ରୋଗୀମାନଙ୍କର ଚିକିତ୍ସା ସମ୍ କୋଭିଡ ହସ୍ପିଟାଲ୍ ପକ୍ଷରୁ କରାଯାଇଥିଲା । କୋଭିଡ ମହାମାରୀ ବେଳେ ପ୍ରାୟ ଅଢ଼େଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ମଧରେ ୫୦,୦୦୦ ରୁ ଉର୍ଦ୍ଧ୍ୱ ରୋଗୀଙ୍କର ସଫଳ ଚିକିତ୍ସା କରାଯାଇଥିଲା ।

ସୋଆର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଜାଗୋ କ୍ଲବ୍ ଦ୍ୱାରା ଗରିବ ଓ ଅବହେଳିତ ବସ୍ତିର ପିଲାମାନଙ୍କ ଶିକ୍ଷାଦାନର ଦାୟିତ୍ୱ ନିଆଯାଇଛି ।

**କୁଳପତି**
**ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ**

ରିପୋର୍ଟର୍ସ ପେନ୍
Reporters Pen
କେନ୍ଦ୍ରାପଡ଼ା
ଅଗଷ୍ଟ ୧-୧୫, ୨୦୨୫

# 'ଖଳନାୟକ'ଙ୍କର ୩୦୮ ଟି ପ୍ରେମିକା ଥିଲେ

**ସଞ୍ଜୟ ଦତ ତାଙ୍କ ଜୀବନରେ ୩୦୦ରୁ ଅଧିକ ଝିଅଙ୍କୁ ଡେଟ୍ କରିଥିଲେ । ୨୦୧୮ ମସିହାରେ, ସଞ୍ଜୟଙ୍କ ଜୀବନୀ ଉପରେ ଆଧାରିତ ବାୟୋପିକ୍ 'ସଞ୍ଜୁ'ରେ ରଣବୀର କପୁର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ । ଏହି ଫିଲ୍ମରେ ଜଣାପଡ଼ିଥିଲା ଯେ ତାଙ୍କର ୩୦୮ ଜଣ ପ୍ରେମିକା ଥିଲେ । ଦି କପିଲ ଶର୍ମା ଶୋ'ର ଏକ ଏପିସୋଡ୍ ସମୟରେ, ଅଭିନେତା ନିଜେ ସ୍ପଷ୍ଟ କରିଥିଲେ ଯେ ସେ ସମାନ ସଂଖ୍ୟକ ମହିଳାଙ୍କୁ ଡେଟ୍ କରିଛନ୍ତି ।**

ସଞ୍ଜୟ ଦତ ହିନ୍ଦୀ ଚଳଚ୍ଚିତ୍ର ଜଗତର ଏକ ଜଣାଶୁଣା ନାମ । ବଲିଉଡର ବରିଷ୍ଠ ଅଭିନେତା ସୁନୀଲ ଦତ ଏବଂ ନର୍ଗିସ ଦତଙ୍କ ପୁଅ ସଞ୍ଜୟ ଦତଙ୍କର ଫିଲ୍ମ କ୍ୟାରିଅର ବହୁତ ସଫଳ ହୋଇଛି । ସେ ୧୯୮୦ ଦଶକରେ ତାଙ୍କ କ୍ୟାରିଅର ଆରମ୍ଭ କରିଥିଲେ ଏବଂ ସେବେଠାରୁ ସେ ତାଙ୍କର ଛାପ ଛାଡ଼ି ଆସୁଛନ୍ତି । ସଞ୍ଜୟ ଦତଙ୍କ ଷ୍ଟାରଡମ୍ କେବଳ ବଲିଉଡରେ ସୀମିତ ନୁହେଁ, ସାଂପ୍ରତିକ ବର୍ଷଗୁଡ଼ିକରେ ସେ ଅନେକ ଦକ୍ଷିଣ ଭାରତୀୟ ଫିଲ୍ମରେ ମଧ୍ୟ ନିଜର ଛାପ ଛାଡ଼ିଛନ୍ତି । ତାଙ୍କ କ୍ୟାରିଅର ସମୟରେ ସେ ଅନେକ ବିବାଦରେ ଜଡିତ ଥିଲେ, ତାଙ୍କ ପ୍ରେମ ଜୀବନ ବିଷୟରେ କାହାଣୀ ମଧ୍ୟ ବହୁତ ପ୍ରସିଦ୍ଧ ହୋଇଥିଲା । ପାଂଚ ଜଣ ପ୍ରମୁଖ ଅଭିନେତ୍ରୀ ତାଙ୍କ ପ୍ରେମରେ ପଡ଼ିଥିଲେ । ଆସନ୍ତୁ ଜାଣିବା ଆଜି ବଲିଉଡର 'ଖଳନାୟକ'ଙ୍କ ପ୍ରେମ ଜୀବନ ବିଷୟରେ ।

**ସଞ୍ଜୟଙ୍କର ଟିନାମୁନିମଙ୍କ ସହିତ ସଂପର୍କ ଥିଲା**

୧୯୮୧ ମସିହାରେ ମୁକ୍ତିଲାଭ କରିଥିବା ସଞ୍ଜୟ ଦତଙ୍କ ପ୍ରଥମ ଚଳଚ୍ଚିତ୍ର ରକି ବକ୍ସ ଅଫିସରେ ହିଟ୍ ହୋଇଥିଲା ଏବଂ ସେ ରାତାରାତି ଏକ ସେନ୍ସେଶନ ହୋଇଯାଇଥିଲେ, ବିଶେଷକରି ମହିଳାମାନଙ୍କ ମଧ୍ୟରେ । ଅନେକ ପ୍ରମୁଖ ଅଭିନେତ୍ରୀ ତାଙ୍କ ଆକର୍ଷଣ ଦ୍ୱାରା ପ୍ରଭାବିତ ହୋଇଥିଲେ । ଏହି ସମୟରେ, ତାଙ୍କର ପାଂଚ ଜଣ ଅଭିନେତ୍ରୀଙ୍କ ସହିତ ସଂପର୍କ ମଧ୍ୟ ଥିଲା । ସଞ୍ଜୟ ଦତ ଏବଂ ଟିନା ମୁନିମଙ୍କ ପ୍ରେମ କାହାଣୀ ମଧ୍ୟ ଶିରୋନାମାରେ ଥିଲା । ସୂଚନା ଅନୁଯାୟୀ, ସଞ୍ଜୟ ଦତ ଏବଂ ଟିନା ମୁନିମ୍ ପିଲାଦିନର ବନ୍ଧୁ ଥିଲେ ଏବଂ ଖୁବ୍‌ଶୀଘ୍ର ସେମାନଙ୍କ ବନ୍ଧୁତା ପ୍ରେମରେ ପରିଣତ ହୋଇଥିଲା । ସଞ୍ଜୟ ଦତଙ୍କ ପ୍ରଥମ ଫିଲ୍ମ 'ରକି' ସମୟରେ ଟିନାଙ୍କ ସହ ସଂପର୍କ ଗଭୀର ହୋଇଥିଲା ଏବଂ ଉଭୟ ପରସ୍ପରକୁ ପ୍ରେମ କରି ବସିଥିଲେ । କିନ୍ତୁ ସେମାନଙ୍କ ସଂପର୍କ ଅଧିକ ଦିନ ପର୍ଯ୍ୟନ୍ତ ରହିପାରିଲା ନାହିଁ । ମଦ୍ୟପାନ କରିବାର ଖରାପ ଅଭ୍ୟାସ ଯୋଗୁଁ ଟିନା ସଞ୍ଜୟ ଦତଙ୍କୁ ଛାଡ଼ି ଦେଇଥିଲେ ।

**ବଲିଉଡର 'ବାବା'ଙ୍କ ପ୍ରେମ ଜୀବନ**

**ମାଧୁରୀ ଦୀକ୍ଷିତଙ୍କ ସହ ସଂପର୍କ**

ତାଙ୍କର ସବୁଠାରୁ ପ୍ରସିଦ୍ଧ ସଂପର୍କ ଅଭିନେତ୍ରୀ ମାଧୁରୀ ଦୀକ୍ଷିତଙ୍କ ସହ ଥିଲା । କୁହାଯାଏ ଯେ ୧୯୯୧ ମସିହାରେ ଫିଲ୍ମ 'ସାଜନ'ର ସୁଟିଂ ସମୟରେ ଉଭୟ ପରସ୍ପରକୁ ପ୍ରେମ କରି ବସିଥିଲେ । ସେମାନେ ବିବାହ କରିବାକୁ ଚାହୁଁଥିଲେ, କିନ୍ତୁ ଦୁର୍ଭାଗ୍ୟବଶତଃ ତାହା ହୋଇପାରି ନଥିଲା । ନ୍ୟୁଜ୍ ୧୮ର ରିପୋର୍ଟ ଅନୁଯାୟୀ, ୧୯୯୩ ମସିହାରେ, ସଞ୍ଜୟ ଦତଙ୍କୁ ଅସ୍ତ୍ରଶସ୍ତ୍ର ରଖିବା ଅଭିଯୋଗରେ ଗିରଫ କରାଯାଇଥିଲା, ଯାହା ପରେ ସେମାନଙ୍କ ସଂପର୍କ ଶେଷ ହୋଇଗଲା ।

**ରେଖା ସଞ୍ଜୟଙ୍କ ପ୍ରେମରେ ହଜି ଯାଇଥିଲେ**

'ଜମୀନ ଆସମାନ' ଫିଲ୍ମରେ ରେଖା ଏବଂ ସଞ୍ଜୟ ଦତ ଏକାଠି ନଜର ଆସିଥିଲେ । ଏହି ଫିଲ୍ମର ସୁଟିଂ ସମୟରେ ଉଭୟଙ୍କ ମଧ୍ୟରେ ଘନିଷ୍ଠତା ବୃଦ୍ଧି ପାଇଥିଲା । ଦୈନିକ ଭାସ୍କରର ରିପୋର୍ଟ ଅନୁଯାୟୀ, ରେଖା ଏକ ମନ୍ଦିରରେ ସଞ୍ଜୟ ଦତଙ୍କୁ ବିବାହ କରିଥିଲେ । ଦୁହେଁ କିଛି ସପ୍ତାହ ପର୍ଯ୍ୟନ୍ତ ଘରୁ ନିଖୋଜ ରହିଥିଲେ । ରେଖା ଏବଂ ସଞ୍ଜୟ ଦତଙ୍କ ବିବାହ ବିଷୟରେ ସୁନିଲ ଦତ ଜାଣିବା ମାତ୍ରେ ସେ ବହୁତ ରାଗିଗଲେ । ସେ ସଞ୍ଜୟ ଦତଙ୍କୁ ଖୋଜି ରିଚା ଶର୍ମାଙ୍କ ସହିତ ବିବାହ କରାଇ ଦେଲେ । ରେଖା ସଞ୍ଜୟ ଦତଙ୍କ ଠାରୁ ପ୍ରାୟ ୫ ବର୍ଷ ବଡ଼ । ସେ ରେଖାଙ୍କୁ ସଞ୍ଜୟଙ୍କ ଠାରୁ ଦୂରେଇ ରହିବାକୁ ପରାମର୍ଶ ଦେଇଥିଲେ । ଏହା ମଧ୍ୟ କୁହାଯାଏ ଯେ ରେଖା ତାଙ୍କ ମଥାରେ ସଞ୍ଜୟ ଦତଙ୍କ ନାମରେ ସିନ୍ଦୂର ଲଗାନ୍ତି ।

**ନାଦିଆ ଦୁରାନି ଏବଂ ଲିସା ରେଙ୍କ ସହିତ ମଧ୍ୟ ତାଙ୍କର ସଂପର୍କ ଥିଲା**

ନାଦିଆ ଦୁରାନିଙ୍କ ସହ ସଞ୍ଜୟ ଦତଙ୍କ ପ୍ରେମ ସଂପର୍କ ବିଷୟରେ ମଧ୍ୟ ଆଲୋଚନା ହୋଇଥିଲା । ଗଣମାଧ୍ୟମ ରିପୋର୍ଟ ଅନୁସାରେ, [illegible]



ସହ ବିବାହିତ ସଞ୍ଜୟ ଏବଂ ନାଦିଆ ଡେଟିଂ କରୁଥିଲେ । ନାଦିଆ ଆମେରିକାରେ କାଟେଂ ଫିଲ୍ମର ସୁଟିଂ ସମୟରେ ସେଟରେ ପହଂଚିଥିଲେ । ଏହା ପରେ ରିୟା ସଞ୍ଜୟଙ୍କ ଠାରୁ ଅଲଗା ହେବାକୁ ନିଷ୍ପତି ନେଇଥିଲେ । ଏଠାରେ ନାଦିଆ ପୁଣି ଫିଲ୍ମରୁ ଦୂରେଇ ଯାଇଥିଲେ । ଲିସାରେ ଯେତେବେଳେ ସଞ୍ଜୟ ଏକ କଷ୍ଟକର ପର୍ଯ୍ୟାୟ ଦେଇ ଗତି କରୁଥିଲେ ସେତେବେଳେ ତାଙ୍କ ସମର୍ଥନ ହୋଇଥିଲେ । ତଥାପି, ଏହି ଦଂପତିଙ୍କ ସଂପର୍କ କେବଳ କିଛି ମାସ ପାଇଁ ତିଷ୍ଠି ରହିଥିଲା ।

**ରିଚା ଶର୍ମା ସଞ୍ଜୟ ଦତଙ୍କ ପ୍ରଥମ ପତ୍ନୀ ଥିଲେ**

ସଞ୍ଜୟ ଦତ ୧୯୮୭ ମସିହାରେ ଅଭିନେତ୍ରୀ ରିଚା ଶର୍ମାଙ୍କୁ ବିବାହ କରିଥିଲେ । ଏହି ଦଂପତିଙ୍କ ଏକ ଝିଅ ତ୍ରିଶାଳା ଦତ ଅଛନ୍ତି ଯିଏ ନ୍ୟୁୟର୍କରେ ରୁହନ୍ତି । ବିବାହ ପରେ ରିଚାଙ୍କୁ କର୍କଟ ରୋଗ ହୋଇଥିଲା । ତାଙ୍କର ଆମେରିକାରେ ମଧ୍ୟ ଚିକିତ୍ସା କରାଯାଇଥିଲା କିନ୍ତୁ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଖରାପ ହୋଇଗଲା ଏବଂ ୧୦ ଡିସେମ୍ବର ୧୯୯୬ ରେ ୩୨ ବର୍ଷ ବୟସରେ ରିଚା ଶର୍ମା ଏହି ଦୁନିଆକୁ ବିଦାୟ ଦେଇଥିଲେ । ରିଚା ଶର୍ମା ଦେବ ଆନନ୍ଦଙ୍କ 'ହମ୍ ନୌଜଓ୍ୱାନ୍', 'ଅନୁଭବ', 'ଇନ୍ସାଫ୍ କି ଆଓ୍ୱାଜ୍', 'ସଡକ୍ ଚାପ୍' ଭଳି ଫିଲ୍ମରେ କାମ କରିଥିଲେ ।

**ସଞ୍ଜୟଙ୍କ ଦ୍ୱିତୀୟ ବିବାହ ୧୦ ବର୍ଷ ପର୍ଯ୍ୟନ୍ତ ଚାଲିଥିଲା**

ପ୍ରଥମ ପତ୍ନୀ ରିଚାଙ୍କ ମୃତ୍ୟୁ ପରେ ମଡେଲ ରିଆ ପିଲାଇ ସଞ୍ଜୟ ଦତଙ୍କ ଜୀବନରେ ପ୍ରବେଶ କରିଥିଲେ । ସେମାନେ ପରସ୍ପରକୁ ପୂର୍ବରୁ ଜାଣିଥିଲେ । ଯେତେବେଳେ ମୁମ୍ବାଇ ବୋମା ବିସ୍ଫୋରଣ ମାମଲାରେ ସଞ୍ଜୟଙ୍କୁ ଜେଲ ଯିବାକୁ ପଡିଲା, ସେତେବେଳେ ରିଆଙ୍କ ସହ ତାଙ୍କର ଘନିଷ୍ଠତା ଆହୁରି ବଢ଼ିଗଲା । ସେହି ସମୟ ମଧ୍ୟରେ ରିଆ ସଞ୍ଜୟଙ୍କ ପାଖ ଛାଡି ନଥିଲେ । କଷ୍ଟକର ସମୟରେ ରିଆ ପିଲାଇ ତାଙ୍କ ସହିତ ଠିଆ ହୋଇଥିବାର ସଞ୍ଜୟ ଦେଖିଥିଲେ ଏବଂ ତାଙ୍କ ସ୍ୱଭାବ ତାଙ୍କ ହୃଦୟ ଜିତି ନେଇଥିଲା । ଜେଲରୁ ବାହାରିବା ପରେ, ସଞ୍ଜୟ ଭାଲେଂଟାଇନ୍ସ ଡେରେ ରିଆଙ୍କୁ ପ୍ରସ୍ତାବ ଦେଇଥିଲେ ଏବଂ ସେମାନେ ୧୪ ଫେବୃଆରୀ ୧୯୯୮ରେ ବିବାହ କରିଥିଲେ । ତଥାପି, ରିଆଙ୍କୁ ବିବାହ କରିବା ପରେ, ସଞ୍ଜୟ ଦତ ଏକାଥରେ ଅନେକ ଫିଲ୍ମ ସାଇନ୍ କରିଥିଲେ ଏବଂ ସୁଟିଂରେ ବ୍ୟସ୍ତ ହୋଇଯାଇଥିଲେ । ଏହି କାରଣରୁ, ସେ ରିଆଙ୍କୁ ସମୟ ଦେଇପାରିଲେ ନାହିଁ ଏବଂ ତା'ପରେ ସେମାନଙ୍କ ମଧ୍ୟରେ ଦୂରତା ବଢ଼ିଗଲା ଏବଂ ଦଶ ବର୍ଷ ବିବାହ ପରେ, ୨୦୦୮ରେ ସେମାନଙ୍କର ଛାଡପତ୍ର ହୋଇଗଲା । ଏହି ବିବାହ ଭାଙ୍ଗିବା ପାଇଁ ସଞ୍ଜୟ ଦତଙ୍କୁ ଦାୟୀ କରାଯାଇଥିଲା, ଯାହା ଯୋଗୁଁ ଲୋକମାନେ ତାଙ୍କୁ ଖଳନାୟକ ବୋଲି ମାନିବାକୁ ଲାଗିଲେ । କିନ୍ତୁ, କିଛି ବିଶେଷଜ୍ଞଙ୍କ ମତରେ ଯେ ଯେତେବେଳେ ସଞ୍ଜୟ ଦତ ମାନ୍ୟତାଙ୍କ ନିକଟତର ହେଉଥିଲେ, ରିଆ ଟେନିସ୍ ଖେଳାଳି ଲିଆଣ୍ଡର ପେସ୍‌ଙ୍କୁ ଡେଟ୍ କରୁଥିଲେ । ଦୁହେଁ ଅଲଗା ହୋଇ ଛାଡପତ୍ର ପାଇଁ ଆବେଦନ କରିଥିଲେ ।

**ବିବାହ ବିଚ୍ଛେଦ ବଦଳରେ ସଞ୍ଜୟ ରିଆଙ୍କୁ ଦୁଇଟି ଫ୍ଲାଟ୍ ଦେଇଥିଲେ ।**

ୟାସେର ଉସମାନ୍ ତାଙ୍କ ପୁସ୍ତକ 'ଦି କ୍ରେଜି ଅନଟୋଲ୍ଡ ଷ୍ଟୋରି ଅଫ୍ ବଲିଉଡ୍ ବ୍ୟାଡ୍ ବୟ ସଞ୍ଜୟ ଦତ'ରେ ଉଲ୍ଲେଖ କରିଛନ୍ତି ଯେ 'ସେତେବେଳେ ବଲିଉଡରେ ସମସ୍ତେ ଅନୁଭବ କରୁଥିଲେ ଯେ ସଞ୍ଜୟ ଦତଙ୍କ ସହିତ ପ୍ରତାରଣା ହୋଇଛି, କିନ୍ତୁ ସଞ୍ଜୟ ଦତ ଛାଡପତ୍ର ବଦଳରେ ତାଙ୍କ ଦୁଇଟି କଂପାନୀ ଡେଜା ଭୁ ଏଂଟରଟେନମେଂଟ ଏବଂ ଗ୍ଲୋବାଲ୍ ଏଂଟରଟେନମେଂଟର ସେୟାର ରିଆଙ୍କୁ ଭରଣ ପୋଷଣ ଭାବରେ ବାନ୍ଦ୍ରାରେ ଦୁଇଟି ଫ୍ଲାଟ୍ ଦେଇଥିଲେ । ଏହା ସହିତ, ସେ ତାଙ୍କର ଦୁଇଟି କଂପାନୀ ଡେଜା ଭୁ ଏଂଟରଟେନମେଂଟ ଏବଂ ଗ୍ଲୋବାଲ୍ ଏଂଟରଟେନମେଂଟର ସେୟାର ରିଆଙ୍କୁ ହସ୍ତାନ୍ତର କରିଥିଲେ ।' ମାନ୍ୟତାରେ ସଞ୍ଜୟ ଦ୍‌ତଙ୍କୁ ପ୍ରକୃତ ପ୍ରେମ ମିଳିଥିଲା । ତାଙ୍କ ଦ୍ୱିତୀୟ ପତ୍ନୀ ରିଆ ପିଲ୍ଲଇଙ୍କ ଠାରୁ ଛାଡପତ୍ର ପରେ, ସଞ୍ଜୟ ଦ୍‌ତ ୭ ଫେବୃଆରୀ ୨୦୦୮ ରେ ଗୋଆର ତାଜ୍ ଏକ୍ସୋଟିକାରେ ମାନ୍ୟତାଙ୍କୁ ବିବାହ କରିଥିଲେ । ମାନ୍ୟତା ଜଣେ ମୁସଲମାନ ଏବଂ ତାଙ୍କର ପ୍ରକୃତ ନାମ ଦିଲନଓ୍ୱାଜ୍ ଶେଖ । ମାନ୍ୟତାଙ୍କ ସହିତ ବିବାହର ଦୁଇ ବର୍ଷ ପରେ, ୨୧ ଅକ୍ଟୋବର ୨୦୧୦ ରେ, ଏହି ଦଂପତି ସେମାନଙ୍କର ଯମଜ ଭାଇ ଶାହରାନ୍ (ପୁତ୍ର) ଏବଂ ଇକରା (ଝିଅ)ଙ୍କୁ ସ୍ୱାଗତ କରିଥିଲେ । ଆଜି ଏହି ଦଂପତି ଏକ ସୁଖଦ ବୈବାହିକ ଜୀବନ ଉପଭୋଗ କରୁଛନ୍ତି ।





# 'ମୁଁ କେବେବି ଏହା କରିବି ନାହିଁ..', 'ବିଗ୍ ବସ୍'ରେ ପ୍ରବେଶ ନେଇ ମଲ୍ଲିକା ଶେରାୱତ ଏହା ଲେଖିଛନ୍ତି

ସଲମାନ ଖାନଙ୍କ ଶୋ' 'ବିଗ୍ ବସ୍ ୧୯'ର ପ୍ରଥମ ପ୍ରୋମୋ ରିଲିଜ୍ ହୋଇଛି । ଏହି ବର୍ଷ ଅକ୍ଟୋବର ପୂର୍ବରୁ ଏହି ଶୋ' ମଧ୍ୟ ଟେଲିକାଷ୍ଟ ହେବାକୁ ଯାଉଛି । ରିପୋର୍ଟ ଅଛି ଯେ ଏଥର ବଲିଉଡର ସୁନ୍ଦରୀ ଅଭିନେତ୍ରୀ ମଲ୍ଲିକା ଶେରାୱତ ମଧ୍ୟ ଏହି ଶୋ'ରେ ଯୋଗ ଦେବାକୁ ଯାଉଛନ୍ତି । କିନ୍ତୁ ଏବେ ଅଭିନେତ୍ରୀ ନିଜେ ଏହି ରିପୋର୍ଟ ଉପରେ ତାଙ୍କର ନୀରବତା ଭାଙ୍ଗି ଏକ ପୋଷ୍ଟ ସେୟାର କରିଛନ୍ତି । ଜାଣନ୍ତୁ ସେ କ'ଣ କହିଛନ୍ତି...

**'ବିଗ୍ ବସ୍'ରେ ପ୍ରବେଶ ନେଇ ମଲ୍ଲିକା କ'ଣ କହିଛନ୍ତି ?**

ମଲ୍ଲିକା ଶେରାୱତ ତାଙ୍କ ଇନଷ୍ଟାଗ୍ରାମ ଷ୍ଟୋରୀରେ ଏକ ପୋଷ୍ଟ ସେୟାର କରିଛନ୍ତି । ଏହି ପୋଷ୍ଟରେ, ଅଭିନେତ୍ରୀ ଲେଖିଛନ୍ତି ଯେ, 'ମୁଁ ସମସ୍ତ ଗୁଜବକୁ ଖାରଜ କରୁଛି.. ମୁଁ ବିଗ୍ ବସ୍ କରୁନାହିଁ ଏବଂ କେବେବି କରିବି ନାହିଁ । ଧନ୍ୟବାଦ...' ଅଭିନେତ୍ରୀଙ୍କ ଏହି ପୋଷ୍ଟ ଏବେ ଅଧିକ ଭାଇରାଲ ହେବାରେ ଲାଗିଛି । ଯାହା ଶୋ'ରେ ତାଙ୍କ ପ୍ରବେଶ ନେଇ ଗୁଜବର ଅନ୍ତ ଘଟାଇଛି ।

**ମଲ୍ଲିକା ଶେରାୱତଙ୍କୁ ଏହି ଫିଲ୍ମରେ ଦେଖାଯାଇଥିଲା**

ମଲ୍ଲିକା ଶେରାୱତ ବହୁ ବର୍ଷ ପୂର୍ବରୁ ଭାରତରୁ ଲସ୍ ଆଞ୍ଜେଲସ୍ ସ୍ଥାନାନ୍ତରିତ ହୋଇଛନ୍ତି । ତଥାପି, ଅଭିନେତ୍ରୀ ପ୍ରାୟତଃ କାମ ପାଇଁ ଏଠାକୁ ଆସନ୍ତି । ଅଭିନେତ୍ରୀଙ୍କୁ ଶେଷ ଥର ପାଇଁ ରାଜକୁମାର ରାଓଙ୍କ ଫିଲ୍ମ 'ଭିକି ବିଦ୍ୟା କା ୱୋ ୱାଲା ଭିଡିଓ'ରେ ଦେଖିବାକୁ ମିଳିଥିଲା । ଯାହା ୨୦୨୪ ମସିହାରେ ମୁକ୍ତିଲାଭ କରିଥିଲା । ଫିଲ୍ମରେ ତାଙ୍କର ଭୂମିକା ପ୍ରଶଂସକମାନଙ୍କୁ ବହୁତ ପସନ୍ଦ ଆସିଥିଲା ।

**ବିକିନିରେ କର୍ଭି ଫିଗର ଦେଖାଇଥାନ୍ତି**

କାମ ବ୍ୟତୀତ, ଅଭିନେତ୍ରୀ ସୋସିଆଲ ମିଡିଆରେ ମଧ୍ୟ ବହୁତ ସକ୍ରିୟ । ୪୮ ବର୍ଷ ବୟସରେ ମଧ୍ୟ ଅଭିନେତ୍ରୀ ଚମତ୍କାର ଫିଟନେସ୍ ବଜାୟ ରଖନ୍ତି । ଅନେକ ଥର ତାଙ୍କୁ ବିକିନିରେ ତାଙ୍କର କର୍ଭି ଫିଗର ଦେଖାଇବାର ମଧ୍ୟ ଦେଖାଯାଏ । ପ୍ରଶଂସକମାନେ ମଧ୍ୟ ଏହାକୁ ପ୍ରବଳ ପ୍ରଶଂସା କରନ୍ତି ।

**'ବିଗ୍ ବସ୍ ୧୯' କେବେ ଆରମ୍ଭ ହେବ ?**

ସଲମାନ ଖାନଙ୍କ ବିବାଦୀୟ ଶୋ' 'ବିଗ୍ ବସ୍ ୧୯' ବିଷୟରେ କହିବାକୁ ଗଲେ, ଏହି ଶୋ' ଏଥର ଅଗଷ୍ଟ ମାସର ଶେଷ ସପ୍ତାହରୁ ଆରମ୍ଭ ହୋଇପାରେ । ତଥାପି, ଏପର୍ଯ୍ୟନ୍ତ ନିର୍ମାତାମାନେ ଶୋ'ର ପ୍ରିମିୟର ତାରିଖ ଘୋଷଣା କରିନାହାଁନ୍ତି । ଏହି ଥର ଶୋ'ରେ ଅନେକ ଆକର୍ଷଣୀୟ ପ୍ରତିଯୋଗୀ ମଧ୍ୟ ଦେଖାଯିବେ । ପ୍ରତିବର୍ଷ ପରି, ସଲମାନ ଖାନ ଏହି ଶୋ'କୁ ହୋଷ୍ଟ କରିବାକୁ ଯାଉଛନ୍ତି । ତେବେ ଏହି ସୋ'କୁ ଦର୍ଶକମାନେ ଅପେକ୍ଷା କରି ରହିଛନ୍ତି ।

## ଏମାନେ ପର ଜନ୍ମରେ ନାରୀ ଜନ୍ମ ପାଆନ୍ତି

ସମସ୍ତ ୧୮ ପୁରାଣ ମଧ୍ୟରେ ଗରୁଡ ପୁରାଣର ଏକ ଭିନ୍ନ ମହତ୍ୱ ଅଛି । ଏଥିରେ ଜନ୍ମ ଏବଂ ମୃତ୍ୟୁ ଠାରୁ ପରବର୍ତ୍ତୀ ଜନ୍ମ ପର୍ଯ୍ୟନ୍ତ ବିଷୟ କୁହାଯାଇଛି । ଗୁରୁଦ ପୁରାଣଙ୍କ ଅନୁଯାୟୀ ମୃତ୍ୟୁ ପରେ ଜଣେ ବ୍ୟକ୍ତି ନିଜ କର୍ମ ଅନୁଯାୟୀ ପରବର୍ତ୍ତୀ ଜନ୍ମ ପାଇଥାଏ । ଏପରି କିଛି କର୍ମ ଅଛି ଯେ ଏହା କରିବା ପରେ ପରଜନ୍ମରେ ଜଣେ ମହିଳା ଭାବେ ଜନ୍ମ ଗ୍ରହଣ କରାଯାଏ । ଗରୁଡ ପୁରାଣ ଏ ବିଷୟରେ କ'ଣ କୁହନ୍ତି ଆସନ୍ତୁ ଜାଣିବା ।

**ପରବର୍ତ୍ତୀ ଜନ୍ମରେ ନାରୀ**

ଗୁରୁଦ ପୁରାଣଙ୍କ ଅନୁଯାୟୀ, ଯେତେବେଳେ ଆତ୍ମା ଏକ ନୂତନ ଜନ୍ମ ହୁଏ, ସେ ମହିଳା କିମ୍ବା ପୁରୁଷଙ୍କର, ଆତ୍ମାକୁ ସେହି ଅନୁଯାୟୀ କାର୍ଯ୍ୟ କରିବାକୁ ପଡିବ । କେବଳ ଶରୀର ମାଧ୍ୟମରେ କର୍ମ କରି ଜଣେ ଆତ୍ମା ଏହାର ଜନ୍ମର ଉଦ୍ଦେଶ୍ୟକୁ ଅର୍ଥପୂର୍ଣ୍ଣ କିମ୍ବା ଅର୍ଥହୀନ କରିପାରେ । ଭଲ କାର୍ଯ୍ୟ କରି ଆତ୍ମା ମୁକ୍ତି ଆଡକୁ ଯାଇପାରେ । ଅନ୍ୟପଟେ, ଖରାପ କର୍ମ ଭବିଷ୍ୟତରେ ଆପଣଙ୍କ ସ୍ଥିତିକୁ ସୁଦୃଢ଼ କରିପାରିବ ।

ଯଦି ଜଣେ ପୁରୁଷ ନାରୀ ଭଳି ଆଚରଣ କରେ କିମ୍ବା ତାଙ୍କ ପ୍ରକୃତିର ନାରୀମାନଙ୍କର ଅଭ୍ୟାସ ଆଣିଥାଏ କିମ୍ବା ସେହି ସମାନ କାମ କରିବାକୁ ଇଚ୍ଛା କରେ, ଯାହା ଜଣେ ମହିଳା କରିବା ଉଚିତ୍, ତେବେ ଏପରି ପୁରୁଷମାନଙ୍କର ଆତ୍ମା ପରବର୍ତ୍ତୀ ଜୀବନରେ ନାରୀର ଶରୀରକୁ ନେଇଯାଏ । ସେହିଭଳି, ଯଦି ଜଣେ ବ୍ୟକ୍ତି ପଶୁ ପରି ଆଚରଣ କରେ ଏବଂ ପଶୁମାନେ ସମାନ ଜିନିଷ ଖାଏ । ତେଣୁ ଏହିପରି ଲୋକମାନେ ଏକ ପଶୁର ପରବର୍ତ୍ତୀ ଜନ୍ମ ମଧ ପାଆନ୍ତି ।

ଗରୁଡ ପୁରାଣରେ କୁହାଯାଏ, ମୃତ୍ୟୁ ସମୟରେ ଜଣେ ବ୍ୟକ୍ତି ଯେପରି ସଂଲଗ୍ନ ହୁଏ, ତା'ର ପରବର୍ତ୍ତୀ ଜନ୍ମ ମଧ୍ୟ ଏହା ଉପରେ ନିର୍ଭର କରେ । ଯଦି ଜଣେ ବ୍ୟକ୍ତି ଶେଷ ମୁହୂର୍ତ୍ତରେ ଜଣେ ମହିଳାଙ୍କୁ ମନେ ରଖିବା ପାଇଁ ଶରୀର ଛାଡିଦିଏ, ତେବେ ତାଙ୍କର ପରବର୍ତ୍ତୀ ଜନ୍ମ ହେଉଛି ଏକ ନାରୀ । ଅନ୍ୟପଟେ, ଯଦି କେହି ମରିବା ସମୟରେ ଭଗବାନଙ୍କ ନାମ ନିଅନ୍ତି, ତେବେ ସେ ପରିତ୍ରାଣ ଆଡକୁ ଗତି କରନ୍ତି । ଏହିପରି ଭାବରେ ମୃତ୍ୟୁର ଶେଷ ମୁହୂର୍ତ୍ତ ପରବର୍ତ୍ତୀ ଜନ୍ମ ନିର୍ଣ୍ଣୟ କରେ, ତେଣୁ କୁହାଯାଏ ଯେ ଶେଷ ମୁହୂର୍ତ୍ତରେ ଈଶ୍ୱରଙ୍କ ନାମ ନିଆଯିବା ଉଚିତ ।

# ଆପଣଙ୍କ ପିଲା ମିଛ କହୁଛି କି ?



**ଛୋଟ ପିଲା କେବେ ସ୍କୁଲ ହେଉ ବା ସାଙ୍ଗସାଥି ଅବା ପିତାମାତାଙ୍କ ଆଗରେ ମିଛ କହି ନିଜକୁ ଆତ୍ମରକ୍ଷା କରୁଥିବା ଭଳି କଥା ଜଣାପଡ଼େ । ଯେଉଁଥିପାଇଁ ପିତାମାତା ଅନ୍ୟମାନଙ୍କ ଆଗରେ ନିଜକୁ ଅପମାନିତବୋଧ କରିଥାନ୍ତି । ତେବେ ଶିଶୁ ବାରମ୍ବାର ମିଛ କହିବା ପଛରେ କ'ଣ କାରଣ ରହିଥାଏ ତାହା ପ୍ରଥମେ ଜାଣିବା ଉଚିତ୍ ।**

ଶିଶୁ ବିଶେଷଜ୍ଞଙ୍କ ମତରେ, ପିଲାର ଏଭଳି ଆଚରଣ ପାଇଁ ପିତାମାତା ହିଁ ଦାୟୀ ଥାଆନ୍ତି । କାରଣ ପିଲା ମନ ଭିତରେ ସବୁବେଳେ ଏକ ଭୟ ରହିଥାଏ ଯେ, ଯଦି ତା'ର କୌଣସି ଦୋଷ ତ୍ରୁଟି ମାଆବାପା ଜାଣିଦେବେ ତାହାଲେ ନିଶ୍ଚୟ ରାଗିଯାଇ ଗାଳି, ମାଡ଼ ଦେବେ । ତେଣୁ ସେ ଏହି ଭୟକୁ ଛାଡ଼ି ନପାରି ବାରମ୍ବାର ମିଛର ଆଶ୍ରୟ ନେଇଥାଏ । ପିତାମାତା ମଧ୍ୟ ଅଧିକାଂଶ ସମୟରେ ପିଲା ଉପରେ ନିଜର ଇଚ୍ଛା ଜାହିର୍ କରିଥାନ୍ତି । ପରୀକ୍ଷାରେ ପିଲା ଯେପରି ଅଧିକ ନମ୍ବର ରଖେ ସେଥିପ୍ରତି ମଧ ପରୋକ୍ଷରେ ପୂର୍ବରୁ ତାଗିଦ୍ କରିଥାନ୍ତି । ନିଜର ଜିନିଷପତ୍ର ଗୁଡ଼ିକୁ ଯତ୍ନ ସହକାରେ ରଖିବା ପାଇଁ ବି ବେଳେବେଳେ ମାଆବାପା ଆଦେଶ ଦିଅନ୍ତି । ଅଭିଭାବକଙ୍କର ଏଭଳି ଆଦେଶ, ଉପଦେଶ ଦେବାର ମାନସିକତା ହିଁ ପିଲା ପାଇଁ ଅଡୁଆ ହୁଏ । ପିଲା ଯଦି ପିତାମାତାଙ୍କର ଏଭଳି ଇଚ୍ଛା ପୂରଣ କରି ନପାରେ ତେବେ ଅଯୋଗ୍ୟ ମନେକରି ନିଜ ଭିତରେ ଭୟ ପାଏ । ତାର ଅସଫଳତାରେ ତାକୁ ଆକ୍ଷେପ କରିବା ଦ୍ୱାରା ମଧ ପିଲାର ମାନସିକତା ଦୁର୍ବଳ ହୋଇପଡ଼େ ଏବଂ ସେ ମିଛ କରିବାକୁ ଚେଷ୍ଟା କରେ । ଫଳତଃ ଶିଶୁ ଆଜିର ଏହି ପ୍ରତିଯୋଗିତାମୂଳକ ଦୁନିଆରେ ନିଜ ପ୍ରତି ଆତ୍ମବିଶ୍ୱାସ ରଖିପାରେନାହିଁ । ତାକୁ ସବୁବେଳେ ଅନୁଭବ ହୁଏ ଯେ, ପରୀକ୍ଷା ବା ଖେଳକୁଦରେ ଭଲ ପ୍ରଦର୍ଶନ ନକଲେ ସାଙ୍ଗସାଥି ତଥା ପରିବାରରେ ଆକ୍ଷେପ ହେବା ଭଳି ପରିସ୍ଥିତିକୁ ସାମ୍ନା କରିବ । ତେଣୁ ଏପରି ଅବସ୍ଥାରେ ମିଛର ଆଶ୍ରୟକୁ ଅଧିକ ଶ୍ରେୟ ମଣେ ।

ତେଣୁ ଯଦି ଆମେ ପିଲାଙ୍କୁ ଅଧିକ ଶୃଙ୍ଖଳିତ ରଖି ରଖିବାକୁ ଚାହିଁବା ପ୍ରଥମେ ତା' ଭିତରେ ଥିବା ଦୁର୍ବଳତାକୁ ବୁଝିବା ସହ ସ୍ୱୀକାର କରିନେବା ଜରୁରୀ ଅଟେ । ସବୁଠାରୁ ବଡ଼ କଥା ହେଉଛି, ଆଜି ବି ଅଧିକାଂଶ ପିତାମାତା ପିଲାର ଦୁର୍ବଳତାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନଥାନ୍ତି, ଯାହାକି ପିଲା ଉପରେ ପ୍ରଭାବ ପକାଏ । ଖେଳକୁଦ ହେଉ ବା ପାଠପଢ଼ା ସେ ଏସବୁରେ ଆଗ୍ରହୀ ନଥାଏ, କେବଳ ଭଲ ନମ୍ବର ରଖିବା ଆବଶ୍ୟକ ବୋଲି ଅନୁଭବ କରେ । ତେଣୁ ପିତାମାତା ସବୁବେଳେ ପିଲାର ସକାରାତ୍ମକ ମନୋଭାବ ଜାଗ୍ରତ କରିବା ଉଚିତ୍ । ଭଲ ନମ୍ବର କିମ୍ବା ସଫଳତା ବଦଳରେ ଶିଖିବାର କୌଶଳ ରଖିବା ପାଇଁ ଉତ୍ସାହିତ କରିବା ଉଚିତ୍ । ପିଲାର ସଫଳତାରେ ସାବାସୀ ଓ ବିଫଳତା ମଧ୍ୟ ଉତ୍ସାହିତ କରିବା ଆବଶ୍ୟକ । ଦୋଷ ତ୍ରୁଟିରେ ଗାଳି ଦେବା ବଦଳରେ ପିତାମାତା ପିଲାଙ୍କୁ ସ୍ନେହଭାବ ରଖି ବୁଝାଇବା ସହ ପ୍ରେରଣା ଦେଲେ ହିଁ ପିଲା ଭଲ ପ୍ରଦର୍ଶନ କରିବା ସହ ମିଛ ଠାରୁ ନିଜକୁ ଦୂରେଇ ରଖିବ ।

# ‘ପ୍ରଧାନମନ୍ତ୍ରୀଙ୍କ ଜନ୍ମଦିନରେ ଓଡିଶାରେ ଲାଗିବ ୭୫ ଲକ୍ଷ ଗଛ’

**ଭୁବନେଶ୍ୱର (ରିପୋର୍ଟର୍ସପେନ୍) :** ଚଳିତ ବର୍ଷ ସେପ୍ଟେମ୍ବର ୧୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୭୫ବର୍ଷରେ ପ୍ରଦାର୍ପଣ କରିବାକୁ ଯାଉଛନ୍ତି । ଦେଶପ୍ରତି, ବିଶେଷକରି ଓଡିଶା ପ୍ରତି, ପ୍ରଧାନମନ୍ତ୍ରୀଙ୍କ ଅନେକ ଅବଦାନ ରହିଛି । ଗତ ବର୍ଷ ପ୍ରଧାନମନ୍ତ୍ରୀ ତାଙ୍କ ଜନ୍ମଦିନରେ ଓଡିଶା ଆସି ଆମର ମା’ମାନଙ୍କ ସମ୍ମାନରେ ସୁଭଦ୍ରା ଯୋଜନା ଆରମ୍ଭ କରିଥିଲେ । ଓଡିଶାର ବିକାଶ ପ୍ରତି ପ୍ରଧାନମନ୍ତ୍ରୀଙ୍କ ପ୍ରତିବଦ୍ଧତା, ଓଡିଶାବାସୀଙ୍କ ପ୍ରତି ସଦିଚ୍ଛାର ସମ୍ମାନ ଜଣାଇ ଏକ୍ ପେଡ୍ ମାଁ କେ ନାମ୍ ଅଭିଯାନରେ ସେପ୍ଟେମ୍ବର ୧୭ ତାରିଖରେ ଓଡିଶାରେ ଗୋଟିଏ ଦିନରେ ଲାଗିବ ୭୫ ଲକ୍ଷ ଗଛ । ଏହା ହେବ ପ୍ରଧାନମନ୍ତ୍ରୀଙ୍କ ପ୍ରତି ଓଡିଶାବାସୀଙ୍କ ଉପହାର । ଆଜି ଲୋକସେବା ଭବନରେ ଏକ୍ ପେଡ୍ ମା କେ ନାମ୍ ଅଭିଯାନ ସଂପର୍କରେ ଏକ ପ୍ରସ୍ତୁତି ବୈଠକରେ ଅଧ୍ୟକ୍ଷତା କରି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଘୋଷଣା କରିଛନ୍ତି ।

ସୂଚନାଯୋଗ୍ୟ ଯେ, ଗତବର୍ଷ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଏକ୍ ପେଡ ମା କେ ନାମ୍ ଅଭିଯାନ ଆରମ୍ଭ ହୋଇଥିଲା । ଚଳିତବର୍ଷ ଜୁନ୍ ୫ରୁ ସେପ୍ଟେମ୍ବର ୩୦ ତାରିଖ ପର୍ଯ୍ୟନ୍ତ ଏହାର ଦ୍ୱିତୀୟ ସଂସ୍କରଣ ଏକ ପେଡ୍ ମା କେ ନାମ୍ ୨.୦ ଚାଲିବ । ଦ୍ୱିତୀୟ ସଂସ୍କରଣର ଏହି କାର୍ଯ୍ୟକ୍ରମରେ ସର୍ବନିମ୍ନ ୭.୫ କୋଟି ଚାରା ରୋପଣ ପାଇଁ ରାଜ୍ୟ ସରକାର ଲକ୍ଷ୍ୟ ରଖିଛନ୍ତି ।

ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଏକ୍ ପେଡ୍ ମା କେ ନାମ୍ କାର୍ଯ୍ୟକ୍ରମ ଏକ ଜନଆନ୍ଦୋଳନରେ ପରିଣତ ହୋଇଛି । ଗତବର୍ଷ ଏହି କାର୍ଯ୍ୟକ୍ରମରେ ଓଡିଶା ତା’ର ଲକ୍ଷ୍ୟ ଅତିକ୍ରମ କରି ୬.୭୨ କୋଟି ଗଛ ଲଗାଇ ସାରା ଦେଶରେ ଚତୁର୍ଥ ସ୍ଥାନ ଅଧିକାର କରିଥିଲା । ଏ ବର୍ଷ ୭.୫ କୋଟି ଗଛ ଲଗାଇବାର ଲକ୍ଷ୍ୟ ରଖାଯାଇଛି ଏବଂ ତା ସହିତ କେବଳ ଗୋଟିଏ ଦିନରେ ୭୫ ଲକ୍ଷ ଗଛ ଲାଗିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏହା ଏକ ରେକର୍ଡ ହେବ ବୋଲି ସେ କହିଥିଲେ ।

 କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ପରାମର୍ଶ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଜଙ୍ଗଲ ବିଭାଗ ଏବଂ କୃଷି ଓ କୃଷକସଶକ୍ତି କରଣ ବିଭାଗର ଏଥିରେ ପ୍ରମୁଖ ଦାୟିତ୍ୱ ରହିଥିଲେ ମଧ୍ୟ ଏହି ପ୍ରକ୍ରିୟାକୁ ଆହୁରି ବ୍ୟାପକ କରିବା ପାଇଁ ଏହି ଅଭିଯାନରେ ବିଭିନ୍ନ ସରକାରୀ ବିଭାଗ ସହିତ ପିଏସୟୁ, ଏନ୍.ଜି.ଓ ସଂସ୍ଥା, ବିଭିନ୍ନ ଯୁବସଂଘ, ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ଅଧିକରୁ ଅଧିକ



ସାମିଲ କରାଯିବାର ଆବଶ୍ୟକତା ରହିଛି । ପଂଚାୟତ ପ୍ରତିଷ୍ଠାନ, ସ୍କୁଲ, କଲେଜ, ସ୍ୱୟଂ ସହାୟିକା ଗୋଷ୍ଠୀ ପ୍ରମୁଖଙ୍କର ଏଥିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥିପାଇଁ ବ୍ୟାପକ ପ୍ରଚାର ପ୍ରସାର କାର୍ଯ୍ୟକ୍ରମ କରିବା ପାଇଁ ସୂଚନା ଓ ଲୋକ ସଂପର୍କ ବିଭାଗକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ । ଏହି କାର୍ଯ୍ୟକ୍ରମର ପ୍ରଚାର ପ୍ରସାର ଅତ୍ୟନ୍ତ ପ୍ରଭାବୀ ଢଙ୍ଗରେ ହେବା ଉଚିତ । ପ୍ରଚାର ପ୍ରସାର କେବଳ ଏକ କାର୍ଯ୍ୟକ୍ରମର ନୁହେଁ, ଏହା ପରିବେଶ ସୁରକ୍ଷା ପାଇଁ ଏକ ଜନ ଆନ୍ଦୋଳନ ହେବା ଉଚିତ ବୋଲି ସେ ମତ ଦେଇଥିଲେ ।

କେବଳ ଗଛ ଲଗାଇଦେଲେ ହେବ ନାହିଁ, ଏହି ଗଛକୁ କିଭଳି ଉତ୍ତମ ଭବିଷ୍ୟତ ମିଳିବ ତା’ର ମଧ୍ୟ ଦାୟିତ୍ୱ ନେବା ଆବଶ୍ୟକ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ବୃକ୍ଷ ରୋପଣ ପରେ ଏହାର ରକ୍ଷଣା ବେକ୍ଷଣ ଓ ଯତ୍ନ ପାଇଁ ପ୍ରତ୍ୟେକ ସରକାରୀ କର୍ମଚାରୀ ଏବଂ ଜନସାଧାରଣ ଦାୟିତ୍ୱବାନ ହେବା ଆବଶ୍ୟକ । ଗୋଷ୍ଠୀ-ଜଙ୍ଗଲ, ଗ୍ରାମ୍ୟ ଜଙ୍ଗଲ, ପଥପାର୍ଶ୍ୱ ଚାରା ରୋପଣ ଏବଂ ବ୍ୟକ୍ତିଗତ ବୃକ୍ଷ ରୋପଣ ପାଇଁ ନିମ୍ବ, କରଞ୍ଜ, ତେନ୍ତୁଳି, ଫାସୀ, ଅର୍ଜୁନ, ହରିଡା, ବାହାଡା, ପଣସ, ତାଳ, ପିଜୁଳୀ, କୃଷ୍ଣଚୁଡା, ପିପଳ, ବରବଛା, ଅଶୋକ, ଜାମୁ, କଦମ୍ବ, ଅଁଳା, ଦେବଦାରୁ, ସୁନାରୀ, କରଞ୍ଜ, ଚାକୁଣ୍ଡା ଇତ୍ୟାଦି ଗଛ ଚୟନ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ଏଥି ସହିତ ବୃକ୍ଷ ରୋପଣର ଫଟୋ ଓ ଡାଟା ମେରି ଲାଇଫ ପୋର୍ଟାଲରେ ଅପଲୋଡ କରାଯିବା ପାଇଁ ସେ କହିଥିଲେ । ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଗ୍ରାମାଂଚଳରେ ପଂଚାୟତ ଅଧିକାରୀ ମାନେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ଏହାର ତଦାରଖ କରିବେ । ଭଲପ୍ରଦର୍ଶନ କ୍ଷେତ୍ରରେ ବ୍ୟକ୍ତିଗତ ଓ ଗୋଷ୍ଠୀଗତ ସ୍ତରରେ ପୁରସ୍କାର ବ୍ୟବସ୍ଥା କରାଯିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ । ଏଥିସହିତ ଯେଉଁ ଅଂଚଳରେ ଯେଉଁ ଫଳ ଭଲ ଉତ୍ପାଦନ ହେଉଛି ସେହିଭଳି ଚାରା ଲୋକମାନଙ୍କୁ ଯୋଗାଇ ଦେବାପାଇଁ ମୁଖ୍ୟମନ୍ତ୍ରୀ କହିଥିଲେ ।

ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁ, ସୂଚନା ଓ ଲୋକ ସଂପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପ୍ରଧାନମୁଖ୍ୟ ବନ ସଂରକ୍ଷକ ତଥା ଜଙ୍ଗଲ ବାହିନୀ ମୁଖ୍ୟ ସୁରେଶ ପନ୍ଥ, ପ୍ରଧାନମୁଖ୍ୟ ବନ ସଂରକ୍ଷକ (ବନ୍ୟପ୍ରାଣୀ) ପି.କେ ଝା, ମହିଳା ଓ ଶିଶୁ ବିକାଶ ବିଭାଗର ପ୍ରମୁଖ ଶାସନ ସଚିବ ଶୁଭା ଶର୍ମା, ପଂଚାୟତି ରାଜ ଓ ପାନୀୟ ଜଳ ବିଭାଗର କମିଶନର ତଥା ଶାସନ ସଚିବ ଏସ.ଏନ ଗିରିଶ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ ଦାସ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ସରକାର ସ୍ଥାଣୁ ପାଲଟି ଯାଇଛନ୍ତି : ପ୍ରସନ୍ନ ଆଚାର୍ଯ୍ୟ

**ଭୁବନେଶ୍ୱର (ରିପୋର୍ଟର୍ସପେନ୍) :** ରାଜ୍ୟରେ ସରକାର ସ୍ଥାଣୁ ପାଲଟି ଯାଇଛନ୍ତି । ସାମ୍ବିଧାନିକ ପଦବୀ ଖାଲି ପଡ଼ିଛି । ମହିଳା ନିର୍ଯାତନା ଶୀର୍ଷରେ ଥିବା ବେଳେ ମହିଳା କମିସନ ପଦବୀ ଖାଲି । ନ୍ୟାୟ ପାଇଁ ମହିଳାମାନେ କୁଆଡେ ଯିବେ । ଯଦି ସରକାର ମହିଳା କମିସନ ନିଯୁକ୍ତି ଦେବେ ନାହିଁ, ତେବେ ରାଜନୈତିକ ଉଦ୍ଦେଶ୍ୟ ରଖି କାହିଁକି ମହିଳା କମିସନକୁ ବିଦା କଲେ ବୋଲି ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ ସରକାରଙ୍କୁ ପ୍ରଶ୍ନ କରିଛନ୍ତି ।

ରାଜ୍ୟରେ ମହିଳା କମିସନ କାର୍ଯ୍ୟ କରୁ ନଥିବା ବେଳେ ରାଜ୍ୟରେ ମହିଳାମାନଙ୍କର କି ଦୟନୀୟ ପରିସ୍ଥିତି ତାହା ଲୋକେ ବୁଝିଲେଣି । ଶିଶୁ କମିସନ ବି ଖାଲି । ରାଜ୍ୟରେ ଶିଶୁ ନିର୍ଯାତନା ଓ ନିଖୋଜ ବି ବଢ଼ିଛି । ବିଜେପି ସରକାର ଯୋଜନା ବୋର୍ଡ ଗଠନ କରିନାହିଁ । ଜିଲ୍ଲା ଯୋଜନା ବୋର୍ଡ ବି ନାହିଁ । ଜିଲ୍ଲା ଯୋଜନା ବୋର୍ଡ ଜରିଆରେ ବ୍ଲକ୍‌କୁ ବିଭିନ୍ନ ବାବଦରେ ଟଙ୍କା ଯାଏ । ତାହା ବି ଯାଉନାହିଁ । ବିକାଶ ସଂପୁର୍ଣ୍ଣ ଠପ୍ ହୋଇଛି । ବିକାଶ ନେଇ ସରକାର ମିଛ କହୁଛନ୍ତି ।

ଗ୍ରାମାଂଚଳର ବିକାଶ ପାଇଁ ଆଖି ଦୃଶିଆ ଟଙ୍କା ଯାଇନାହିଁ । ଟଙ୍କା ଯାଉନାହିଁ, କି ଟଙ୍କା ଖର୍ଚ୍ଚ ହେଉନାହିଁ । ରାଜ୍ୟରେ ଶାସନ ବ୍ୟବସ୍ଥା ଢିଲା ହୋଇଯାଇଛି । କେବଳ ସୁଭଦ୍ରା ଟଙ୍କା ଦେଲେ



ଓଡ଼ିଶାର ବିକାଶ ହେବ ନାହିଁ । ସରକାର ମହିଳାଙ୍କୁ ସୁରକ୍ଷା ଦିଅନ୍ତୁ ବୋଲି ପ୍ରସନ୍ନ ଆଚାର୍ଯ୍ୟ କହିଛନ୍ତି ।

ବିଧାନସଭା ମୌସୁମୀ ଅଧିବେଶନକୁ ନେଇ ସେ କହିଛନ୍ତି, ସରକାର ବିଧାନସଭାକୁ ଡରୁଛନ୍ତି । ବର୍ଷା ସରିବାକୁ ବସିଲାଣି ମୌସୁମୀ ଅଧିବେଶନ ସରକାର ଡାକି ପାରୁନାହାନ୍ତି । ସରକାର ବିଧାନସଭାକୁ କାହିଁକି ଡରୁଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି । ଜନ ପ୍ରତିନିଧିମାନେ ନିଜ ଅଂଚଳ ଏବଂ ରାଜ୍ୟର ସମସ୍ୟା ସଂପର୍କରେ ଆଲୋଚନା କରିବା ପାଇଁ ବିଧାନସଭା ଏକ ପ୍ରକୃଷ୍ଟ କ୍ଷେତ୍ର । ସାମ୍ବିଧାନିକ ସଂସ୍ଥାର ଦ୍ୱାର ମଧ୍ୟ ସରକାର ବନ୍ଦ କରିଦେଉଛନ୍ତି । କେଉଁଠି ଆଉ ରାଜ୍ୟର ସମସ୍ୟା ଆଲୋଚନା ହେବ ବୋଲି ସେ ପ୍ରଶ୍ନ କରିଛନ୍ତି ।

ମହିଳା ଅସଦାଚରଣ, ଦୁଷ୍କର୍ମ, ପିଲା ବିକ୍ରି, ଧାନ କିଣା, ବନ୍ୟା ଭଳି ଅନେକ ସମସ୍ୟା ରହିଛି । ସରକାରଙ୍କ ସଫଳତା ଏବଂ ବିଫଳତାର ରିପୋର୍ଟ ଆଲୋଚନା କୋଉଠି ହେବ । ସରକାର ଭୟ କରୁଛନ୍ତି । ବିଧାନସଭାର ଦ୍ୱାର ଖୋଲିବେନି ରାସ୍ତାରେ ଆନ୍ଦୋଳନ କଲେ ମାଡ଼ ମାରିବେ, ଗୁଳି ମାରିବେ । ସରକାର ଗଣତନ୍ତ୍ର ଚାହୁଁଛନ୍ତି ନା ଏକଛତ୍ରବାଦ ଶାସକ ଚାହୁଁଛନ୍ତି ତାହାର ଜବାବ ଦିଅନ୍ତୁ । ସରକାର ଏ ମନୋବୃତି ନବଦଳାଇଲେ ପ୍ରଶାସନିକ କଳ ସଂପୂର୍ଣ୍ଣ ସ୍ଥାଣୁ ହୋଇଯିବ ବୋଲି ସେ ଅଭିଯୋଗ ଆଣିଛନ୍ତି ।

ସେହିପରି ସରକାର ଧାନପଞ୍ଜିକରଣ ପଦ୍ଧତିକୁ ଜଟିଳ କରିଛନ୍ତି । ଜଟିଳ ପଦ୍ଧତିରେ ଚାଷୀ ଧାନ ପଂଚିକରଣ କରିବା ସମ୍ଭବ ନୁହେଁ । ବହୁ ଚାଷୀ ପଞ୍ଜିକରଣ କରି ପାରିବେ ନାହିଁ । ତେଣୁ ସରକାରଙ୍କୁ କିପରି ଧାନ ବିକ୍ରୀ କରିବେ । ସରକାର ଘୋଷଣା କଲେ ୮୦୦ ଟଙ୍କା ଇନପୁଟ୍ ସବସିଡି ଦେବେ । ସରକାର ଅପ୍ରତ୍ୟକ୍ଷ ଭାବେ ଚେଷ୍ଟା କରୁଛନ୍ତି ଯେତେ କମ୍ ଚାଷୀ ପଂଚିକରଣ କରିବେ ୮୦୦ ଟଙ୍କା ବୋନସ ଦେବାକୁ ପଡ଼ିବନି । ସେଥିରୁ ରକ୍ଷା ପାଇବେ ସରକାର । ଲକ୍ଷ ଲକ୍ଷ ଚାଷୀ ପଂଚିକରଣରୁ ବଂଚିତ ହେବେ । ଧାନ ବିକ୍ରୀ କରିପାରିବେ ନାହିଁ । ଯଦି ବିକ୍ରୀ କରିବେ ବହୁତ କମ୍ ଦାମରେ ବିକ୍ରୀ କରିବେ । ଚାଷୀ ହଇରାଣ ହେବ, ବେପାରୀ ଲାଭରେ ରହିବେ ।

## ୧ରୁ ୧୪ ଯୁବ ବିଜେଡିର ଆନ୍ଦୋଳନ

**ଭୁବନେଶ୍ୱର (ରିପୋର୍ଟର୍ସପେନ୍) :** ରାଜ୍ୟରେ ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବିଶେଷକରି ଛାତ୍ରୀ ଓ ମହିଳାମାନେ ଅସୁରକ୍ଷିତ ହୋଇ ପଡିଛନ୍ତି ଅଭିଯୋଗରେ ବିଜୁ ଜନତା ଦଳ ଆନ୍ଦୋଳନ କରି ଆସୁଥିବା ବେଳେ ବିଜୁ ଛାତ୍ର ଓ ଯୁବ ଜନତା ଦଳ ତରଫରୁ ଅଗଷ୍ଟ ୧ତାରିଖରୁ ଦ୍ୱିତୀୟ ପର୍ଯ୍ୟାୟ ଆନ୍ଦୋଳନ ଆରମ୍ଭ ହେବ ବୋଲି ଦଳ ତରଫରୁ ସୂଚନା ଦିଆଯାଇଛି । ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଯୁବ ବିଧାୟକ ବ୍ୟୋମକେଶ ରାୟ ଓ ଦେବୀ ରଞ୍ଜନ ତ୍ରିପାଠୀ ରାଜ୍ୟ ସରକାରଙ୍କ ଉପରେ ବର୍ଷିବା ସହିତ ଅଗଷ୍ଟ ୧ତାରିଖରୁ ବିଜେଡିର ଛାତ୍ର ଓ ଯୁବ ସଂଗଠନ ତରଫରୁ ହେବାକୁ ଥିବା ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ବିଷୟରେ ସୂଚନା ଦେଇଥିଲେ । ବ୍ୟୋମକେଶ ରାୟ କହିଥିଲେ, ଦ୍ୱିତୀୟ ପର୍ଯ୍ୟାୟରେ, ଅଗଷ୍ଟ ୧ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ରାଜ୍ୟବ୍ୟାପୀ ପ୍ରତିବାଦ ଛାତ୍ର ଛାତ୍ରୀମାନଙ୍କ ଦ୍ୱାରା କରାଯିବ । ଏଥିରେ ଛାତ୍ର ଛାତ୍ରୀ ମାନେ ତାଙ୍କ ଅଂଚଳର ଥାନା ଓ ଏସପିଙ୍କୁ ଭେଟି ରାଜ୍ୟର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ଛାତ୍ରୀ ଓ ନାରୀ ସୁରକ୍ଷା ପ୍ରଦାନ ସମ୍ବନ୍ଧରେ, ଡିଜି ପୋଲିସଙ୍କ ଉର୍ଦ୍ଦେଶ୍ୟରେ ସ୍ମାରକ ପତ୍ର ପ୍ରଦାନ କରିବେ । ସେହିପରି, ଅଗଷ୍ଟ ୮ ତାରିଖରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟର ଛାତ୍ର ଛାତ୍ରୀ ମାନେ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ନିକଟକୁ ଖୋଲା ଚିଠି ପଠାଇବେ ।

# ୟୁପିଆଇ: ବାଲାନ୍ସ ଚେକ୍‌ରେ କଟକଣା




ନୂଆଦିଲ୍ଲୀ: ୟୁପିଆଇ ନିୟମରେ ଏକ ବଡ଼ ଧରଣର ପରିବର୍ତ୍ତନ ଘଟିବାକୁ ଯାଉଛି । ନେସ୍‌ନାଲ୍ ପେମେଂଟ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଘୋଷଣା କରିଛି ଯେ ୟୁନିଫାଏଡ୍ ପେମେଂଟ ଇଂଟରଫେସ୍ ବା ୟୁପିଆଇ ସିଷ୍ଟମକୁ ନେଇ ଅଗଷ୍ଟ ପହିଲାରୁ ନୂଆ ନିୟମ କାର୍ଯ୍ୟକାରୀ ହେବ । ଏହି ପରିବର୍ତ୍ତନରେ ଅଟୋପେ ଏବଂ ଆକାଉଂଟ ବାଲାନ୍ସ ଚେକ୍ ଆଦିରେ କିଛିଟା ନୂତନତ୍ୱ ଦେଖିବାକୁ ମିଳିବ । ତେବେ ନୂଆ ନିୟମ ଅନୁଯାୟୀ, ୟୁପିଆଇ ଉପଭୋକ୍ତାମାନେ ଦିନକୁ ସର୍ବାଧିକ ୫୦ ଥର ସେମାନଙ୍କର ଆକାଉଂଟ ବାଲାନ୍ସ ଚେକ୍ କରିପାରିବେ । ଏହା ଦ୍ୱାରା ବ୍ୟସ୍ତ କାର୍ଯ୍ୟଘଂଟା ବା ପିକ୍ ଆୱାରରେ ଅଯଥା ଟ୍ରାଫିକ୍ ଜାମ୍‌କୁ ଏଡ଼େଇ ଦେଇହେବ ।

ଭାରତରେ ୟୁପିଆଇ ଆପ୍‌ର ସବୁଠାରୁ ବଡ଼ ୟୁଜରବେସ୍ ରହିଛି । ପ୍ରତିଦିନ ଦେଶରେ ୬ ବିଲିୟନରୁ ଅଧିକ ୟୁପିଆଇ ଟ୍ରାଞ୍ଜାକ୍ସନ ହୋଇଥାଏ । ୨୦୧୪ ମସିହାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାର ଆସିବା ଗତ ୨୦୧୬ରେ ୟୁପିଆଇର ଶୁଭାରମ୍ଭ ହୋଇଥିଲା । ଏହା ଆଜିର ଡିଜିଟାଲ୍ ଯୁଗ ପାଇଁ ଏହା କୌଣସି ମାଷ୍ଟରଷ୍ଟ୍ରୋକ୍‌ରୁ କମ୍ ନୁହେଁ । ଏବେ ସୁଦ୍ଧା ୟୁପିଆଇ ନିୟମରେ ଅନେକ ପରିବର୍ତ୍ତନ ଦେଖିବାକୁ ମିଳିଛି । ୟୁପିଆଇର ବ୍ୟବହାର ବୃଦ୍ଧି ପାଇଛି । ଏଣୁ ଏବେ ଏନ୍‌ପିସିଆଇ ପୁଣି ଏକ ବଡ଼ ପରିବର୍ତ୍ତନ କରିବାକୁ ଯାଉଛି ।

ପିଆଇ ସର୍ଭର ସିଷ୍ଟମରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଏଭଳି ନିୟମ କରାଯାଇଛି । ୫୦ ଥରରୁ ଅଧିକ ବାଲାନ୍ସ ଚେକ୍ କଲେ ଏହା ଦେଖାଇବ ନାହିଁ । ବାରମ୍ବାର ବାଲାନ୍ସ ଚେକ୍ କରିବା ଦ୍ୱାରା ୟୁପିଆଇ ଆପ୍ ସର୍ଭର ଉପରେ ଚାପ ପଡ଼ିଥାଏ । ଏହାଦ୍ୱାରା ଟ୍ରାଞ୍ଜାକ୍ସନ୍ ଧିମା ହୋଇଯାଇଥାଏ । ଖାଲି ସେତିକି ନୁହେଁ ଆପଣଙ୍କ ମୋବାଇଲ ନମ୍ବର କେଉଁ ବ୍ୟାଙ୍କ ଆକାଉଂଟ ସହ ଲିଙ୍କ୍ ଅଛି ତାହା କେବଳ ଗୋଟିଏ ଦିନରେ ୨୫ ଥର ହିଁ ଚେକ୍ କରି ପାରିବେ ।

ୟୁପିଆଇ ସହ ଜଡ଼ିତ ଅଟୋ ପେମେଂଟ ନିୟମରେ ପରିବର୍ତ୍ତନ ହେବ । ସବ୍‌ସ୍କ୍ରିପ୍‌ସନ୍ ଆଧାରିତ ଅଟୋ ଡେବିଟ୍ କେବଳ ନନ୍‌ପିକ୍ ଟାଇମ୍ ପ୍ରୋସେସ୍ କରାଯିବ । ଅର୍ଥାତ୍ ସକାଳ ୧୦ ପୂର୍ବରୁ କିମ୍ବା ଅପରାହ୍ନ ୧ରୁ ସନ୍ଧ୍ୟା ୫ଟା ମଧ୍ୟରେ ହିଁ ୟୁପିଆଇରେ ଅଟୋ ଡେବିଟ୍ ହେବ । ଏହାଛଡ଼ା ଯଦି କୌଣସି ପେମେଂଟ ଅଟକି ରହିଥିବ, ତେବେ ଏହାର ଷ୍ଟାଟସ୍ କେବଳ ୩ ଥର ହିଁ ଚେକ୍ କରପାରିବେ ୟୁଜର୍ସ । ଅତି କମ୍‌ରେ ୯୦ ସେକେଣ୍ଡ ଅନ୍ତରାଳରେ ଅଟକି ରହିଥିବା ପେମେଂଟ ଷ୍ଟାଟସ୍ ଚେକ୍ କରିପାରିବେ ।

# ଟେଷ୍ଟ କ୍ରିକେଟ ଇତିହାସରେ ଶ୍ରେଷ୍ଠ ୫ ଜଣ କମ୍ ବୟସର ଖେଳାଳି କିଏ ?



ନୂଆଦିଲ୍ଲୀ: ଟେଷ୍ଟ କ୍ରିକେଟକୁ ଅଭିଜ୍ଞତା ଏବଂ ଧୈର୍ଯ୍ୟର ଖେଳ ବୋଲି ବିବେଚନା କରାଯାଏ, କିନ୍ତୁ ଇତିହାସରେ କିଛି ଖେଳାଳି ଅଛନ୍ତି ଯେଉଁମାନେ ବହୁତ କମ୍ ବୟସରେ ଅନ୍ତର୍ଜାତୀୟ କ୍ରିକେଟରେ ପ୍ରବେଶ କରି ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇଥିଲେ । ଏହି ଖେଳାଳିମାନଙ୍କ ମଧ୍ୟରୁ କିଛି ଏପରି ବୟସରେ ଟେଷ୍ଟ କ୍ୟାପ୍ ପିନ୍ଧିଥିଲେ ଯେତେବେଳେ ଅଧିକାଂଶ ପିଲା ସ୍କୁଲରେ ପଢ଼ନ୍ତି କିମ୍ବା କ୍ରିକେଟ ଅଭ୍ୟାସ କରନ୍ତି । ଆସନ୍ତୁ ଜାଣିବା ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ କମ୍ ବୟସରେ ଡେବ୍ୟୁ କରିଥିବା ଶ୍ରେଷ୍ଠ ଖେଳାଳିମାନଙ୍କ ବିଷୟରେ ।

**ହାସନ ରଜା- ପାକିସ୍ତାନ**

ସର୍ବାଧିକ ବୟସରେ ଟେଷ୍ଟ କ୍ରିକେଟ ଖେଳିବାର ରେକର୍ଡ ପାକିସ୍ତାନର ହାସନ ରଜାଙ୍କ ନାମରେ ଅଛି, ଯିଏ ମାତ୍ର ୧୪ ବର୍ଷ ୨୨୭ ଦିନ ବୟସରେ ପାକିସ୍ତାନ ପାଇଁ ଟେଷ୍ଟ ଡେବ୍ୟୁ କରିଥିଲେ । ଏହି ମ୍ୟାଚ୍ ୨୪ ଅକ୍ଟୋବର ୧୯୯୬ରେ ଫୈସଲାବାଦରେ ଜିମ୍ବାୱେ ବିପକ୍ଷରେ ଖେଳାଯାଇଥିଲା । ହାସନ ରଜାଙ୍କୁ ଦେଖି, ଏହା ଅନୁଭବ କରିବା କଷ୍ଟକର ଥିଲା ଯେ ସେ ପ୍ରକୃତରେ ଏକ ଅନ୍ତର୍ଜାତୀୟ ସ୍ତରୀୟ ମ୍ୟାଚ୍ ର ଅଂଶ ଥିଲେ । ତାଙ୍କ ଚୟନକୁ ନେଇ ବହୁତ ବିବାଦ ହୋଇଥିଲା, କିନ୍ତୁ ତାଙ୍କ ନାମ ଏପର୍ଯ୍ୟନ୍ତ ସର୍ବକନିଷ୍ଠ ଟେଷ୍ଟ ଖେଳାଳି ଭାବରେ ରେକର୍ଡରେ ଲିପିବଦ୍ଧ ।

**ମୁସ୍ତାକ ମହମ୍ମଦ- ପାକିସ୍ତାନ**

ଏହି ତାଲିକାରେ ଦ୍ୱିତୀୟ ନାମ ପାକିସ୍ତାନର କିମ୍ବଦନ୍ତୀ କ୍ରିକେଟର ମୁସ୍ତାକ ମହମ୍ମଦଙ୍କର ମଧ୍ୟ ଅଛି, ଯିଏ ୨୬ ମାର୍ଚ୍ଚ ୧୯୫୯ରେ ଲାହୋରରେ ୧୫ ବର୍ଷ ୧୨୪ ଦିନ ବୟସରେ ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ତାଙ୍କର ପ୍ରଥମ ଟେଷ୍ଟ ଖେଳିଥିଲେ । ପରେ ତାଙ୍କୁ ପାକିସ୍ତାନର ସବୁଠାରୁ ସଫଳ ଅଧିନାୟକଙ୍କ ମଧ୍ୟରେ ମଧ୍ୟ ଗଣନା କରାଯାଇଥିଲା ଏବଂ ସେ ଜଣେ ପ୍ରଶିକ୍ଷକ ଭାବରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିଥିଲେ ।

**ମହମ୍ମଦ ସରିଫ- ବାଂଲାଦେଶ**

ତୃତୀୟ ସ୍ଥାନରେ ବାଂଲାଦେଶର ମହମ୍ମଦ ସରିଫ ଅଛନ୍ତି, ଯିଏ ୧୯ ଏପ୍ରିଲ ୨୦୦୧ରେ ବୁଲାୱାୟୋରେ ୧୫ ବର୍ଷ ୧୨୮ ଦିନ ବୟସରେ ଜିମ୍ବାୱେ ବିପକ୍ଷରେ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ । ବାଂଲାଦେଶ ମଧ୍ୟ ଟେଷ୍ଟ କ୍ରିକେଟରେ ଏକ ନୂତନ ଆରମ୍ଭ କରିଥିଲା ଏବଂ ସରିଫ ସେହି ଯୁବ ପ୍ରତିଭାର ପ୍ରତୀକ ଥିଲେ ଯାହାକୁ ଦଳ ପ୍ରୋତ୍ସାହିତ କରିବାକୁ ଚାହୁଁଥିଲା ।

**ଆକିବ ଜାଭେଦ- ପାକିସ୍ତାନ**

ଚତୁର୍ଥ ସ୍ଥାନରେ ପୁଣି ଥରେ ଜଣେ ପାକିସ୍ତାନୀ ଖେଳାଳି ଆକିବ ଜାଭେଦ ଅଛନ୍ତି, ଯିଏ ୧୦ ଫେବୃଆରୀ ୧୯୮୯ରେ ୧୬ ବର୍ଷ ୧୮୯ ଦିନ ବୟସରେ ୱେଲିଙ୍ଗଟନରେ ନ୍ୟୁଜିଲାଣ୍ଡ ବିପକ୍ଷରେ ତାଙ୍କର ଟେଷ୍ଟ କ୍ୟାରିଅର ଆରମ୍ଭ କରିଥିଲେ । ପରେ, ଜାଭେଦ ପାକିସ୍ତାନର ଦ୍ରୁତ ବୋଲିଂର ପରିଚୟ ପାଲଟିଥିଲେ ଏବଂ ସେ ୧୯୯୨ ବିଶ୍ୱକପ୍ ବିଜୟରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

**ସଚିନ ତେନ୍ଦୁଲକର - ଭାରତ**

ଏହି ତାଲିକାରେ ପଂଚମ ସ୍ଥାନରେ ଭାରତର ମହାନ ବ୍ୟାଟସମ୍ୟାନ୍ ସଚିନ ତେନ୍ଦୁଲକର ଅଛନ୍ତି, ଯାହାକୁ କ୍ରିକେଟର ଭଗବାନ କୁହାଯାଏ । ସେ ୧୫ ନଭେମ୍ବର ୧୯୮୯ରେ କରାଚୀରେ ମାତ୍ର ୧୬ ବର୍ଷ ୨୦୫ ଦିନ ବୟସରେ ପାକିସ୍ତାନ ବିପକ୍ଷରେ ତାଙ୍କର ଟେଷ୍ଟ ଡେବ୍ୟୁ କରିଥିଲେ । ଏହା ସେହି ମ୍ୟାଚ୍ ଥିଲା ଯେଉଁଥିରେ ସେ ୱାସିମ ଆକ୍ରମ ଏବଂ ୱାକାର ୟୁନିସଙ୍କ ପରି ଭୟଙ୍କର ବୋଲରଙ୍କ ସାମ୍ନା କରିଥିଲେ ଏବଂ କୌଣସି ଭୟ ବିନା ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିଥିଲେ । ଏହି ମ୍ୟାଚ୍ ସଚିନଙ୍କ ମହାନ କ୍ୟାରିୟରର ଆରମ୍ଭ ଥିଲା ଯାହା ପରେ ୨୦୦ ଟେଷ୍ଟ ମ୍ୟାଚ୍ ଏବଂ ୧୦୦ ଅନ୍ତର୍ଜାତୀୟ ଶତକ ହାସଲ କରିଥିଲା ।

# ଏହି ପିତା-ପୁତ୍ର ଯୋଡ଼ିଙ୍କ ପରେ ଏବେ କ୍ରିକେଟ ଜଗତରେ ନବିଙ୍କ ପୁଅ

ନୂଆଦିଲ୍ଲୀ: କ୍ରିକେଟ ଜଗତରେ ଏହା ବହୁତ କମ୍ ଘଟେ ଯେ ଜଣେ ପିତା ଏବଂ ପୁଅ ଗୋଟିଏ ମ୍ୟାଚ୍ ରେ ଏକାଠି କିମ୍ବା ପରସ୍ପର ବିପକ୍ଷରେ ଖେଳନ୍ତି । କିନ୍ତୁ ସଂପ୍ରତି ଏପରି ଏକ ଘଟଣା ଦେଖିବାକୁ ମିଳିଛି । ଯେଉଁଠାରେ ଆଫଗାନିସ୍ତାନର କିମ୍ବଦନ୍ତୀ ଖେଳାଳି ମହମ୍ମଦ ନବିଙ୍କୁ ତାଙ୍କ ପୁଅ ଇସାଖିଲଙ୍କ ବିପକ୍ଷରେ ସ୍ୱାଗେଜା କ୍ରିକେଟ ଲିଗରେ ଖେଳୁଥିବାର ଦେଖାଯାଇଥିଲା । ସେହିପରି, କ୍ରିକେଟ ଜଗତରେ ଅନେକ ପିତା-ପୁତ୍ର ଯୋଡ଼ି ଅଛନ୍ତି, ଯେଉଁମାନେ ଅନ୍ତର୍ଜାତୀୟ କ୍ରିକେଟରେ ବହୁତ ନାମ ଅର୍ଜନ କରିଛନ୍ତି । ସେମାନେ ଭିନ୍ନ ଭିନ୍ନ ସମୟରେ ଖେଳିଥିବେ । ଆସନ୍ତୁ ନଜର ପକାଇବା ଏପରି ୩ ପିତା-ପୁତ୍ର ଯୋଡ଼ି ଉପରେ ।

**୩ ପିତା-ପୁତ୍ର ଯୋଡ଼ି, ଯେଉଁମାନେ ଏକ ଚାଂଚଲ୍ୟ ସୃଷ୍ଟି କରିଥିଲେ**

**ଲାଲା ଅମରନାଥ-**ମୋହିନ୍ଦର ଅମରନାଥ: ଲାଲା ଅମରନାଥ ଭାରତ ପାଇଁ ଟେଷ୍ଟ କ୍ରିକେଟରେ ଶତକ ଲଗାଇଥିବା ପ୍ରଥମ ଖେଳାଳି । ଲାଲା ଭାରତ ପାଇଁ ୨୪ ଟେଷ୍ଟ ମ୍ୟାଚ୍ ଖେଳିଥିଲେ । ଏହି ସମୟ ମଧ୍ୟରେ ସେ ୯୭୮ ରନ କରିଥିଲେ ଏବଂ ୪୫ ୱିକେଟ ନେଇଥିଲେ । ଲାଲାଙ୍କ ପ୍ରଥମ ଶ୍ରେଣୀ କିମ୍ବଦନ୍ତୀ ଥିଲା । ଲାଲା ୧୮୬ ପ୍ରଥମ ଶ୍ରେଣୀ ମ୍ୟାଚ୍ ରେ ୧୦୪୨୬ ରନ କରିଥିଲେ । ସେ ୪୬୩ ୱିକେଟ ମଧ୍ୟ ନେଇଥିଲେ ।

ଲାଲାଙ୍କ ପୁଅ ମୋହିନ୍ଦର ଅମରନାଥ ଭାରତର ସବୁଠାରୁ ସଫଳ ଖେଳାଳିମାନଙ୍କ ମଧ୍ୟରୁ ଜଣେ ଥିଲେ । ୧୯୮୩ ବିଶ୍ୱକପ୍ ଜିତିବାରେ ମୋହିନ୍ଦରଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିଲା । ମୋହିନ୍ଦର ଭାରତ ପାଇଁ ୬୯ ଟେଷ୍ଟ ଏବଂ ୮୫ ଦିନିକିଆ ଖେଳିଛନ୍ତି । ସେ ୧୧ ଶତକ ସାହାଯ୍ୟରେ ଟେଷ୍ଟରେ ୪୩୭୮ ରନ୍ କରିଛନ୍ତି । ସେ ଦିନିକିଆରେ ୧୯୨୪ ରନ୍ କରିଛନ୍ତି ।



**ଜେଫ୍ ମାର୍ଶ,** ଶନ୍ ମାର୍ଶ-ମିଚେଲ୍ ମାର୍ଶ: ପୂର୍ବତନ ଅଷ୍ଟ୍ରେଲିୟ ବ୍ୟାଟ୍ସମ୍ୟାନ୍ ଜେଫ୍ ମାର୍ଶ ୫୦ ଟେଷ୍ଟ ଏବଂ ୧୧୭ ଦିନିକିଆ ଖେଳିଛନ୍ତି । ସେ ଟେଷ୍ଟରେ ୨୮୫୪ ରନ୍ ଏବଂ ଦିନିକିଆରେ ୪୩୫୭ ରନ୍ କରିଛନ୍ତି ।

ଜେଫଙ୍କ ଦୁଇ ପୁଅ ମିଚେଲ୍ ମାର୍ଶ ଏବଂ ଶନ୍ ମାର୍ଶ ମଧ୍ୟ ଅଷ୍ଟ୍ରେଲିଆ ପାଇଁ ଉତ୍କୃଷ୍ଟ ଖେଳାଳି ହୋଇଛନ୍ତି । ଶନ୍ ୩୮ ଟେଷ୍ଟରେ ୨୨୬୫ ରନ୍, ୭୩ ଦିନିକିଆରେ ୨୭୭୩ ରନ୍ ଏବଂ ୧୫ ଟି-୨୦ରେ ୨୫୫ ରନ୍ କରିଛନ୍ତି ।

ମିଚେଲ୍ ମାର୍ଶ ଏବେ ବି ଅଷ୍ଟ୍ରେଲିଆ ପାଇଁ ଖେଳୁଛନ୍ତି । ସେ ଏପର୍ଯ୍ୟନ୍ତ ଅଷ୍ଟ୍ରେଲିଆ ପାଇଁ ୪୬ ଟେଷ୍ଟ, ୯୩ ଦିନିକିଆ ଏବଂ ୬୭ ଟି୨୦ ମ୍ୟାଚ୍ ଖେଳିଛନ୍ତି । ମିଚେଲ ଟେଷ୍ଟରେ ୨୦୮୩, ଦିନିକିଆରେ ୨୭୯୪, ଟି୨୦ରେ ୧୬୭୪ ରନ କରିଛନ୍ତି । ସେ ଟେଷ୍ଟରେ ୫୧, ଦିନିକିଆରେ ୫୭ ଏବଂ ଟି୨୦ରେ ୧୭ ୱିକେଟ ମଧ୍ୟ ନେଇଛନ୍ତି ।

କ୍ରିସ୍ ବ୍ରଡ୍, ଷ୍ଟୁଆର୍ଟ ବ୍ରଡ୍: ବ୍ୟାଟ୍ସମ୍ୟାନ୍ କ୍ରିସ୍ ବ୍ରଡ୍ ଇଂଲଣ୍ଡ ପାଇଁ ୨୫ ଟେଷ୍ଟ ଏବଂ ୩୪ ଦିନିକିଆ ଖେଳିଛନ୍ତି । ସେ ଟେଷ୍ଟରେ ୧୬୬୧ ଏବଂ ଦିନିକିଆରେ ୧୩୬୧ ରନ କରିଛନ୍ତି । ତାଙ୍କ ପୁଅ ଷ୍ଟୁଆର୍ଟ ବ୍ରଡ୍ ଙ୍କ କ୍ୟାରିୟର କିମ୍ବଦନ୍ତୀପୂର୍ଣ୍ଣ । ଷ୍ଟୁଆର୍ଟ ଇଂଲଣ୍ଡ ପାଇଁ ୧୬୭ ଟେଷ୍ଟ, ୧୨୧ ଦିନିକିଆ ଏବଂ ୫୬ ଟି୨୦ ମ୍ୟାଚ୍ ଖେଳିଛନ୍ତି । ଷ୍ଟୁଆର୍ଟ ଟେଷ୍ଟରେ ୬୦୪, ଦିନିକିଆରେ ୧୭୮ ଏବଂ ଟି୨୦ରେ ୬୫ ୱିକେଟ ନେଇଛନ୍ତି ।

## ଟେଷ୍ଟରେ ସର୍ବାଧିକ ରନ୍ କରିଥିବା ଶ୍ରେଷ୍ଠ ୫ ବ୍ୟାଟ୍ସମ୍ୟାନ୍

ନୂଆଦିଲ୍ଲୀ: ଟେଷ୍ଟ କ୍ରିକେଟରେ ସର୍ବାଧିକ ରନ୍: ଜୋ ରୁଟ୍ ଟେଷ୍ଟ କ୍ରିକେଟରେ ତୃତୀୟ ସର୍ବାଧିକ ରନ୍ ସ୍କୋର ହୋଇଛନ୍ତି । ଏଠାରେ ଶ୍ରେଷ୍ଠ ୫ ତାଲିକା ଦେଖନ୍ତୁ । ଏହି ତାଲିକାରେ ଦୁଇଜଣ ଭାରତୀୟ ଅଭିଜ୍ଞ ଅଛନ୍ତି ।

ଭାରତ ବିପକ୍ଷ ଚତୁର୍ଥ ଟେଷ୍ଟରେ ଜୋ ରୁଟ୍ ଶୁକ୍ରବାର ଇତିହାସ ସୃଷ୍ଟି କରିଥିଲେ । ରୁଟ୍ ଏବେ ଟେଷ୍ଟ କ୍ରିକେଟରେ ତୃତୀୟ ସର୍ବାଧିକ ରନ୍ ସ୍କୋର ହୋଇଛନ୍ତି । ତେବେ ଟେଷ୍ଟରେ ସର୍ବାଧିକ ରନ୍ କରିଥିବା ଶ୍ରେଷ୍ଠ ୫ ବ୍ୟାଟ୍ସମ୍ୟାନ୍ କିଏ ? ଶ୍ରେଷ୍ଠ ୫ ତାଲିକାରେ ଦୁଇଜଣ ଭାରତୀୟ ଅଭିଜ୍ଞ ଅଛନ୍ତି ।

ଚତୁର୍ଥ ଟେଷ୍ଟ ପୂର୍ବରୁ ରୁଟ୍ ୧୩,୨୫୯ ରନ୍ କରିଥିଲେ । ସେ ଟେଷ୍ଟରେ ୫ମ ସର୍ବାଧିକ ରନ୍ ସ୍କୋର କରିଥଲେ । କିନ୍ତୁ ଚତୁର୍ଥ ଟେଷ୍ଟରେ ରୁଟ୍ ରାହୁଲ ଦ୍ରାବିଡ୍ ଏବଂ ଜ୍ୟାକ୍ କାଲିସ୍ଙ୍କୁ ପଛରେ ପକାଇ ତୃତୀୟ ସ୍ଥାନ ଅଧିକାର କରିଥିଲେ ।

ଟେଷ୍ଟ କ୍ରିକେଟ ଇତିହାସରେ ସର୍ବାଧିକ ରନ୍ ସ୍କୋର କରିବାର ରେକର୍ଡ ଭାରତୀୟ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ସଚିନ୍ ତେନ୍ଦୁଲକରଙ୍କ ନାମରେ ଅଛି । ସଚିନ ୨୦୦ ମ୍ୟାଚ୍‌ରେ ୫୪ ହାରରେ ୧୫୯୨୧ ରନ୍ କରିଛନ୍ତି । ଏହି ସମୟ ମଧ୍ୟରେ, ସେ ୬୮ଟି ଅର୍ଦ୍ଧଶତକ ଏବଂ ୫୧ଟି ଶତକ ହାସଲ କରିଛନ୍ତି ।

ଅଷ୍ଟ୍ରେଲିୟ କିମ୍ବଦନ୍ତୀ ରିକି ପଂଟିଂ ଏହି ତାଲିକାରେ ଦ୍ୱିତୀୟ ସ୍ଥାନରେ ଅଛନ୍ତି । ପଂଟିଂ ୧୬୮ଟି ମ୍ୟାଚ୍‌ରେ ୫୨ ହାରରେ ୧୩,୩୭୮ ରନ୍ କରିଛନ୍ତି । ଏହି ସମୟ ମଧ୍ୟରେ, ପଂଟିଂ ୬୨ଟି ଅର୍ଦ୍ଧଶତକ ଏବଂ ୪୧ଟି ଶତକ ହାସଲ କରିଛନ୍ତି ।

ରୁଟ୍ ତୃତୀୟ ସ୍ଥାନରେ ଆସିବା ସହିତ, ଦକ୍ଷିଣ ଆଫ୍ରିକାର କିମ୍ବଦନ୍ତୀ ଅଲରାଉଣ୍ଡର ଜ୍ୟାକ୍ କାଲିସ୍ ଚତୁର୍ଥ ସ୍ଥାନକୁ ଖସି ଆସିଛନ୍ତି । କାଲିସ୍ ୧୬୬ଟି ମ୍ୟାଚ୍‌ରେ ୫୫.୩୭ ହାରରେ ୧୩,୨୮୯ ରନ୍ କରିଛନ୍ତି । କାଲିସ୍ ୫୮ଟି ଅର୍ଦ୍ଧଶତକ ଏବଂ ୪୫ଟି ଶତକ ହାସଲ କରିଛନ୍ତି ।

ଭାରତୀୟ କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ୍ ରାହୁଲ ଦ୍ରାବିଡ୍ ଏବେ ଏହି ତାଲିକାରେ ପଂଚମ ସ୍ଥାନରେ ଅଛନ୍ତି । ରାହୁଲ ୧୬୪ଟି ଟେଷ୍ଟରେ ୫୨.୩୧ ହାରରେ ୧୩,୨୮୮ ରନ୍ କରିଛନ୍ତି । ଏହି ସମୟ ମଧ୍ୟରେ ରାହୁଲ ୬୩ଟି ଅର୍ଦ୍ଧଶତକ ଏବଂ ୩୬ଟି ଶତକ ହାସଲ କରିଛନ୍ତି ।

Printed by Printers Craft Published by JATINDRA KUMAR SEND on behalf of JATINDRA KUMAR SEND, printed at Khordha and Published at East-Nikirai, Dist- Kendrapara, Odisha. Phone : 9777412461, 8249129016, mail : reporterspen@gmail.com.

**Editor : Jatindra Kumar Send** ସମ୍ପାଦକ : ଯତୀନ୍ଦ୍ର କୁମାର ସେଣ୍ଡ